

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 MARCH 2022
Vol.No. 33 ■ No. 76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ୨୬ଦିନରେ ରୁଷ୍-ୟୁକ୍ରେନ୍ ଯୁଦ୍ଧ

# ବିସ୍ଫୋରଣରେ ଧ୍ୱଂସ ହେଲା କେମିକାଲ ପ୍ଲାଣ୍ଟ



ନୂଆଦିଲ୍ଲୀ, ୨୧/୦୩ : ୨୬ଦିନରେ ପହଞ୍ଚିଛି ୟୁକ୍ରେନ ଓ ରୁଷ ଯୁଦ୍ଧ । ପୁଟିନ ବାହିନୀର ଘନ ଘନ ଆକ୍ରମଣରେ ଥରୁଛି ୟୁକ୍ରେନ । ଜନବସତି ଅଞ୍ଚଳଠୁ ନେଇ ସରକାରୀ କାର୍ଯ୍ୟାଳୟ ସବୁ କିଛିକୁ ଟାର୍ଗେଟ୍ କରି ମିସାଇଲ, ବୋମା ମାଡ କରୁଛି ରୁଷ୍ । ସୋମବାର ସୁମୀ କେମିକାଲ ପ୍ଲାଣ୍ଟରେ ରୁଷ ସେନା ଆକ୍ରମଣ କରିବା ଯୋଗୁଁ ସ୍ଥିତି ଆହୁରି ଭୟଙ୍କର ହେବାରେ ଲାଗିଛି । ଯୁଦ୍ଧ ସଙ୍କଟ ଭିତରେ ଶୁକ୍ରବାର ନାଟୋ ଦେଶର ପ୍ରତିନିଧିଙ୍କ ସହ ଆଲୋଚନା ପାଇଁ ପୋଲାଣ୍ଡ ଯିବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ୨୬ଦିନରେ ପହଞ୍ଚିଛି ୟୁକ୍ରେନ ଓ ରୁଷ ଯୁଦ୍ଧ । ରୁଷର ଆକ୍ରମଣ, ୟୁକ୍ରେନର ମୁକାବିଲା । ରୁଷର ଆକ୍ରମଣରେ ଧ୍ୱଂସସ୍ତୁପ ପାଲଟିଯାଇଛି ୟୁକ୍ରେନ । ଜନବସତିଠୁ ନେଇ ଶିକ୍ଷାନୁଷ୍ଠାନ, ବ୍ୟବସାୟୀକ ପେଣ୍ଠସ୍ଥଳଠୁ ନେଇ ସରକାରୀ କାର୍ଯ୍ୟାଳୟ । ସବୁଠି ଜୋରଦାର ଆକ୍ରମଣ କରୁଛନ୍ତି ପୁଟିନ ସେନା । ସୋମବାର ୟୁକ୍ରେନ୍ ସୁମିରେ ଥିବା କେମିକାଲ ପ୍ଲାଣ୍ଟ ଉପରେ ରୁଷ ସେନା ପକ୍ଷରୁ ପ୍ରଚଣ୍ଡ ଗୁଳିମାଡ କରାଯାଇଛି । ଫଳରେ ବିଷାକ୍ତ ଆମୋନିଆ ଗ୍ୟାସ୍ ଲିକ୍ ହେଉଥିବା ସୂଚନା ମିଳିଛି । ଏହାର ପ୍ରଭାବ ୫ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହେଉଛି । ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ତେଣୁ ଲୋକଙ୍କୁ ବନ୍ଦ ଘରେ ଓ ଅଣ୍ଡରଗ୍ରାଉଣ୍ଡ ସେଲଟରରେ ରହିବା ପାଇଁ କୁହାଯାଇଛି । ଆବଶ୍ୟକ ହେଲେ ତୁରନ୍ତ ଗାଧୋଇବା ପାଇଁ ମଧ ଲୋକଙ୍କୁ କୁହାଯାଇଛି । ଆକ୍ରମଣ କରି ରାଜଧାନୀ କିଭ ଓ ଖାରକିଭକୁ ମାଟିରେ ମିଶାଇ ସାରିଥିବା ପୁଟିନ ସେନା ଏବେ ମାରିୟୁପୋଲ ସହରକୁ ନିଜ କବଜାକୁ ନେବାକୁ ଚେଷ୍ଟା ଚଳାଇଛି ରୁଷ ସେନା । ସଂଧ୍ୟା ସୁଦ୍ଧା ଅସ୍ତ୍ର ଛାଡିବାକୁ ୟୁକ୍ରେନକୁ ଚେତାବନୀ ଦେଇଥିଲା ରୁଷ । ରୁଷର ଅଲଟିମେଟମକୁ ଏଡାଇ ଦେଇଛି ୟୁକ୍ରେନ । ରୁଷର ଆଖି ଏବେ ମାରିୟୁପୁଲ ଉପରେ ଥିବାବେଳେ ଏହାକୁ ସହଜରେ ହାତଛଡା କରିବା ମୁଡରେ ନାହିଁ ୟୁକ୍ରେନ । ଦକ୍ଷିଣ ପୂର୍ବ ୟୁକ୍ରେନକୁ ଯୋଡୁଥିବା ଏହି ସହରକୁ ହାସଲ କରିବା ରୁଷ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଆତ୍ମସମର୍ପଣର ପ୍ରଶ୍ନ ଉଠୁନି ବୋଲି ୟୁକ୍ରେନ ଉପପ୍ରଧାନମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ ମାରିୟୁପୋଲ ଉପରେ ବାରମ୍ବାର ଆକ୍ରମଣ କରୁଛି ରୁଷ ସେନା । ମାରିୟୁପୋଲରେ ଖାଦ୍ୟ, ପିଇବା ପାଇଁ ▶▶ପୃଷ୍ଠା ୭

## ବିହାରରେ ପୁଣି ମଦ ମୃତ୍ୟୁର ବିଭୀଷିକା

### ବିଷାକ୍ତ ମଦ ପିଇ ୩୦ ଜଣରୁ ଅଧିକ ଲୋକଙ୍କ ମୃତ୍ୟୁ



ବିହାର,୨୧/୦୩ (ନି.ପ୍ର): ବିହାରରେ ବିଷାକ୍ତ ମଦ ପିଇ ୩୦ରୁ ଅଧିକ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ବିହାର ଭାଗଲପୁର, ମାଧେପୁରା ଓ ବାଙ୍କା ଜିଲ୍ଲାରେ ଗତ ଶୁକ୍ରବାର ଓ ଶନିବାର ହୋଲି ପାଳନ ହୋଇଥିଲା । ଏଇ ଅବସରରେ ଲୋକ ଏକାଠି ହୋଇ ହୋଲି ଖେଳିବା ସହ ମଦର ଆସର ମଧ ଜମାଇଥିଲେ । ବିଷାକ୍ତ ମଦ ପିଇବା ଫଳରେ ବର୍ତ୍ତମାନ ସୁଦ୍ଧା ୨୩ ଜଣଙ୍କର ମୃତ୍ୟୁ ହୋଇଛି । ଗତ ୪ ମାସ ମଧ୍ୟରେ ବିଷାକ୍ତ ମଦ ପିଇ ରାଜ୍ୟରେ ୫୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେପଟେ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ସେପଟେ ଘଟଣାକୁ ନେଇ ରାଜନୀତି ଜୋର ଧରିଛି ।

## ପୁଣି ଗୋଆ ମୁଖ୍ୟମନ୍ତ୍ରୀ ହେବେ ପ୍ରମୋଦ ସାୱନ୍ତ



ପାଣାଜୀ, ୨୧/୦୩ (ନି.ପ୍ର): ସବୁ ସସପେନ୍ସରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଗୋଆର ମୁଖ୍ୟମନ୍ତ୍ରୀ ଭାବେ ପୁଣିଥରେ ଶପଥ ନେବେ ପ୍ରମୋଦ ସାୱନ୍ତ। ଆଜି ଏନେଇ ବିଜେପି ତରଫରୁ ଘୋଷଣା କରାଯାଇଛି। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାର ନିର୍ବାଚନରେ ବିଜେପି ଏକାକୀ ୨୦ ଆସନ ଜିତି ସର୍ବବୃହତ୍ତ ଦଳର ମାନ୍ୟତା ପାଇଛି। ହେଲେ ଏହି ସଂଖ୍ୟା ମ୍ୟାଜିକ ନମ୍ବର ୨୧ ଠାରୁ ଗୋଟିଏ କମ। ଏପରି ସ୍ଥିତିରେ ୩ ଜଣ ସ୍ୱାଧୀନ ବିଧାୟକ ଓ ଏମଜିପିର ୨ ଜଣ ବିଧାୟକ ବିଜେପିକୁ ସମର୍ଥନ କରିଛନ୍ତି। ତେଣୁ ବିଜେପି ପାଖରେ ୨୫ ବିଧାୟକଙ୍କ ସମର୍ଥନ ରହିଥିବାରୁ ଦଳ ଗୋଆରେ ସରକାର ଗଠନ କରିବା ଏକ ପ୍ରକାରର ସ୍ପଷ୍ଟ ହୋଇଥିଲା। ତେବେ ଏଠାରେ କିଏ ମୁଖ୍ୟମନ୍ତ୍ରୀ ହେବେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପ୍ରମୋଦ ସାୱନ୍ତ ରେସରେ ଆଗରେ ରହିଥିଲେ। ଏପରି କି ସେ ଦିଲ୍ଲୀ ଯାଇ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ମଧ ଭେଟିଥିଲେ। ହେଲେ ବିଜେପିର ଅନ୍ୟତମ ବରିଷ୍ଠ ନେତା ବିଶ୍ୱଜିତ ରାଣେ ବି ▶▶ପୃଷ୍ଠା ୭

## ମାନସ ସ୍ୱାଇଁ ହତ୍ୟା ମାମଲାରେ ଆଉ ୨ ଗିରଫ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ବହୁଚର୍ଚ୍ଚିତ ଫଟୋଗ୍ରାଫର ମାନସ ସ୍ୱାଇଁଙ୍କ ହତ୍ୟା ମାମଲାରେ ପୋଲିସ୍ ଆଉ ୨ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ଭିତରେ ଅବସରପ୍ରାପ୍ତ ଓଆଇଏସ୍ ଅଧିକାରୀ ତଥା ପୂର୍ବତନ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ରହିଛନ୍ତି। ଏହାଛଡ଼ା ରାଜ୍ କମ୍ୟୁନିକେସନର ମାଲିକ ରଞ୍ଜନ ନାୟକଙ୍କୁ ବି ଗିରଫ କରିଛି ଚାନ୍ଦବାଲି ପୋଲିସ। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ତଥା ୱେବ୍ ଚ୍ୟାନେଲ ମାଲିକାଣୀ ଶର୍ମିଷ୍ଠା ରାଉତ ଓ ତାଙ୍କର ଜଣେ ମହିଳା ସହଯୋଗୀଙ୍କୁ ଖୋଜା ଚାଲିଛି। ଭଦ୍ରକ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା ସୋମବାର ଅପରାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଫଟୋଗ୍ରାଫର ମାନସ ସ୍ୱାଇଁଙ୍କ ହତ୍ୟା ମାମଲାରେ ପୂର୍ବରୁ ତିନିଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ବୋଲେରୋ ଡ୍ରାଇଭର୍ ଭାଗ୍ୟଧର ନାୟକ, ରଣପୁର ଥାନା ଧମଡା ଗାଁର ବିବେକ ନାୟକ ଓ ପୁରୁଣା ଭୁବନେଶ୍ୱରର ମୋହରିର କୃଷ୍ଣଚନ୍ଦ୍ର ନାୟକ। ଆଜି ପୁଣି ନିରଞ୍ଜନ ସେଠୀ ଓ ରଞ୍ଜନ ନାୟକଙ୍କୁ ଗିରଫ କରାଯାଇଛି। ଉଭୟ ନିରଞ୍ଜନ ଓ ରଞ୍ଜନ ମାନସ ସ୍ୱାଇଁଙ୍କୁ ମାଡ଼ ମାରିବା ଓ ନିର୍ଯାତନା ଦେବା ଘଟଣା ସହ ଜଡ଼ିତ ଥିଲେ। ଏହାଛଡ଼ା ଉଭୟେ ହତ୍ୟା ଯୋଜନା କରିବାରେ ସାମିଲ ଥିଲେ। ଏନେଇ ଅଧିକ ତଦନ୍ତ ଚାଲିଛି। ଗୋଟିଏ ଚିପକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଛି। ଆଗରୁ ତଦନ୍ତ କରୁଥିବା ପୋଲିସ ଟିମକୁ ମୃତ ମାନସ ସ୍ୱାଇଁଙ୍କ ମୋବାଇଲ ଫୋନ ମିଳିଛି । ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଠାରୁ ମାନସଙ୍କ ମୋବାଇଲ ମିଳିଥିବା ନେଇ ପୋଲିସ ସୂଚନା ଦେଇଥିଲା। ସେପଟେ ▶▶ପୃଷ୍ଠା ୭

## ଆନ୍ଧ୍ରର ରିଟ୍ ପିଟିସନ ଖାରଜ କଲେ ସୁପ୍ରିମକୋର୍ଟ




ଭୁବନେଶ୍ୱର, ୨୧/୦୩ (ନି.ପ୍ର): ସୀମାବର୍ତ୍ତୀ କୋଟିଆ ଗ୍ରାମପୁଞ୍ଜରେ ଓଡ଼ିଶା ସରକାର ଦ୍ୱାରା ପଂଚାୟତ ନିର୍ବାଚନ କରାଯିବା ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆନ୍ଧ୍ରପ୍ରଦେଶକୁ ଶକ୍ତ ଝଟକା ଲାଗିଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ ରିଟ୍ ପିଟିସନକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଦେଇଥିବା ଜଣାପଡ଼ିଛି। ଆବେଦନକାରୀ କୁନେଟି କୁସେମ୍ମା ତାଙ୍କ ପିଟିସନରେ କୋଟିଆ ଗ୍ରାମ ପୁଞ୍ଜକୁ ଆନ୍ଧ୍ରପ୍ରଦେଶର ବୋଲି ଘୋଷଣା ପାଇଁ ଅନୁରୋଧ କରିଥିଲେ । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ମାମଲାରେ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଓଡ଼ିଶା ବିରୁଦ୍ଧରେ ଆବେଦନକାରୀ କୁନେଟି କୁସେମ୍ମା ଓ ଅନ୍ୟମାନଙ୍କର ଆବେଦନକୁ ଖାରଜ କରିଛନ୍ତି । ଆବେଦନକାରୀ ନିଜକୁ ବିବାଦୀୟ କୋଟିଆ ଗ୍ରାମ ପୁଞ୍ଜରେ ଆନ୍ଧ୍ରପ୍ରଦେଶର ନିର୍ବାଚିତ ▶▶ପୃଷ୍ଠା ୭

## ୧୨ ଘଂଟାରେ ବାତ୍ୟାର ରୂପ ନେବ ଗଭୀର ଅବପାତ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଆଗାମୀ ୧୨ ଘଂଟା ମଧ୍ୟରେ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ଉତର ଆଣ୍ଡାମାନ ଓ ନିକଟବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଘନୀଭୂତ ହୋଇ ଘଂଟା ପ୍ରତି ୨୦ କିମି ବେଗରେ ଗତି କରୁଛି। ଆସନ୍ତା ୪୮ ଘଂଟା ମଧ୍ୟରେ ଏହା ମିଆଁମାର ଉପକୂଳ ଦେଇ ଗତି କରିବ। ତେବେ ଓଡିଶା ଉପରେ ଏହାର କୌଣସି ପ୍ରଭାବ ନଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆଗାମୀ ୪ ରୁ ୫ ଦିନ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ଅଂଚଳରେ ଦିନ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୩ରୁ ୪ ଡ଼ିଗ୍ରୀ ଅଧିକ ରହିବା ସମ୍ଭାବନା ରହିଛି।

## ବଢ଼ିଲା ଆଶଙ୍କା, ଆସିବ କରୋନାର ଚତୁର୍ଥ ଲହର !

ନୂଆଦିଲ୍ଲୀ, ୨୧/୦୩ (ନି.ପ୍ର): କମିନି ମହାମାରୀ କରୋନା। ଖୁବଶୀଘ୍ର ଭାରତକୁ ଆସିପାରେ କରୋନାର ଚତୁର୍ଥ ଲହର। ୟୁରୋପ ଏବଂ ଦକ୍ଷିଣ ପୂର୍ବ ଏସିଆରେ କରୋନା ମାମଲା ଦ୍ରୁତଗତିରେ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ଭାରତରେ ପୁଣି କରୋନା ମୁଣ୍ଡ ଟେକିପାରେ ବୋଲି ଆଶଙ୍କା ବଢ଼ିବାରେ ଲାଗିଛି। ଦକ୍ଷିଣ ପୂର୍ବ ଏସିଆର ଯଦି କଥା କହିବା ତେବେ ଚୀନ୍‌ରେ ପୁଣି ଥରେ ଏହି ମହାମାରୀ ତାଣ୍ଡବ ରଚିଛି। ଏଠାରେ ୧୪ ମାସ ପରେ କରୋନାରେ ଆକ୍ରାନ୍ତ ହୋଇ ଦୁଇ ଜଣ ପ୍ରାଣ ହରାଇଛନ୍ତି। ହଙ୍ଗକଙ୍ଗରେ ପ୍ରାୟ ସଂକ୍ରମଣ ମାମଲା ୧୦ ଲକ୍ଷ ଡେଇଁ ସାରିଲାଣି। ସେଠାରେ ଏହି ଭାଇରସ ବର୍ତ୍ତମାନ ଯାଏଁ ୫,୪୦୧ ଜଣଙ୍କ ଜୀବନ ନେଇସାରିଲାଣି। ସ୍ଥିତି ଏପରି ହୋଇଛି ଯେ, ଏଠାରେ କଫିନ ଅଭାବ ପଡିବାରୁ କରୋନା ମୃତକଙ୍କ ଶବକୁ ରେଫ୍ରିଜରେଟର ସିପିଂ କଣ୍ଟେନରରେ ରଖିବାକୁ ପଡୁଛି। ସେପଟେ ସାଉଥ କୋରିଆରେ କରୋନା ମାମଲା ସବୁଠୁ ଚିନ୍ତାଜନକ ସ୍ଥିତିରେ ରହିଛି। ଏଠାରେ କରୋନା ସଂକ୍ରମିତଙ୍କ ମାମଲା ୯୦ ଲକ୍ଷ ପାର୍ କରିସାରିଲାଣି। ଏଠାରେ ତିନି ଦିନ ମଧ ୧୪ ଲକ୍ଷ ନୂଆ ମାମଲା ସାମ୍ନାକୁ ଆସିଛି। ୟୁରୋପରେ ଫ୍ରାନ୍ସ, ଇଂଲଣ୍ଡ ଏବଂ ଇଟାଲିରେ ଏକ ସପ୍ତାହ ମଧ୍ୟରେ କରୋନା ମାମଲା ୩୦% ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ▶▶ପୃଷ୍ଠା ୭

## ହାରିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ହେବେ ପୁଷ୍କର ସିଂହ ଧାମି



ଡେରାଡୁନ, ୨୧/୦୩ (ନି.ପ୍ର): ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଶପଥ ନେବେ ପୁଷ୍କର ସିଂହ ଧାମି। ଆଜି ସେ ବିଜେପି ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଧାମି ପରାସ୍ତ ହୋଇଥିଲେ। ତଥାପି ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଚଳିତ ବର୍ଷ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଧାମି ନିଜର ପାରମ୍ପରିକ ଆସନ ଖଟିମାରୁ ପ୍ରାର୍ଥୀ ହୋଇଥିଲେ। ହେଲେ ଏଠାରେ ତାଙ୍କୁ ହାରିବାକୁ ପଡ଼ିଥିଲା। ଧାମି ହାରିଥିଲେ ମଧ ବିଜେପି ଏଠାରେ ସରକାର ଗଠନ କରିବାକୁ ଆବଶ୍ୟକ ମ୍ୟାଜିକ ନମ୍ବର ହାସଲ କରିଥିଲା। ତେଣୁ ଦୀର୍ଘଦିନ ଆଲୋଚନା ଓ ପର୍ଯ୍ୟାୟଲୋଚନା ପରେ ହାରିବା ସତ୍ତ୍ୱେ ଧାମିଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ବିଜେପି ହାଇକମାଣ୍ଡ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସମ୍ମାନ ଜଣାଇ ବିଜେପିର ନବ ନିର୍ବାଚିତ ବିଧାୟକମାନେ ଧାମିଙ୍କୁ ନେତା ଭାବେ ନିର୍ବାଚିତ କରିଛନ୍ତି। ତେଣୁ ସେ ଉତ୍ତରାଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏଥିପାଇଁ ଆଜି ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ। ଉତ୍ତରାଖଣ୍ଡର ୭୦ଟି ଆସନରୁ ବିଜେପି ଏକାକୀ ୪୮ଟିରେ ଜିତିଛି। ୨୦୧୭ରେ ଦଳ ଏଠାରେ ୫୭ଟି ଆସନ ଜିତିଥିଲା। ବିଜେପିର ଆସନ ସଂଖ୍ୟା କମିଥିଲେ ମଧ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୬କୁ ▶▶ପୃଷ୍ଠା ୭

## ଶିକ୍ଷାବିତ୍ ଚତୁର୍ଭୁଜ ମଲ୍ଲିକଙ୍କ ଏକାଦଶାହ ତିଥିରେ ଉନ୍ମୋଚିତ ହେଲା 'ସ୍ମୃତି ବାତାୟନ ଚତୁର୍ଭୁଜ'



ବାଲେଶ୍ୱର, ୨୧/୦୩ (ନି.ପ୍ର): ବସ୍ତା ଓ ବାଲେଶ୍ୱର ହରର ଜଣାଶୁଣା ଶିକ୍ଷାବିତ୍, ଅନୁଷ୍ଠାନପ୍ରେମୀ, ସାହିତ୍ୟ-ସଂସ୍କୃତିର ନିରନ୍ତର ପୂଜାରୀ, ସମାଜସେବୀ, ଚତୁର୍ଭୁଜ ମଲ୍ଲିକଙ୍କ ଆକସ୍ମିକ ବିୟୋଗର ଏକାଦଶାହ ତିଥିରେ ସାର୍ଥା ପଞ୍ଚାୟତ ଅନ୍ତର୍ଗତ ଓଡଶାଳ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବହୁ ରାଜନେତା, ସମାଜସେବୀ, ଶିକ୍ଷାବିତ୍, ସାହିତ୍ୟିକ ଏହି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ପରଲୋକ ଗତ ଚତୁର୍ଭୁଜ ମଲ୍ଲିକଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପରିବାର ପକ୍ଷରୁ ପ୍ରକାଶିତ ଶ୍ରଦ୍ଧାଞ୍ଜଳି ପୁସ୍ତିକା 'ସ୍ମୃତି ବାତାୟନେ ଚତୁର୍ଭୁଜ'କୁ ଅତିଥିଗଣ ଉନ୍ମୋଚନ କରିଥିଲେ । ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାଲେଶ୍ୱର ଜିଲ୍ଲାପରିଷଦ ନବନିର୍ବାଚିତ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଦେବୀ ପ୍ରସନ୍ନ ଚାନ୍ଦ, ଶ୍ରୀମାପ୍ରସାଦ ବେହେରା, ଶ୍ରଦ୍ଧାଞ୍ଜଳି ରାୟ, ରାମଚନ୍ଦ୍ର ଦେବ, ଶିକ୍ଷାଗୁରୁ ବଳରାମ ସାହୁ, ଲକ୍ଷ୍ମୀକାନ୍ତ ପାଢ଼ୀ, ସୁରେଶଚନ୍ଦ୍ର ଜେନାଙ୍କ ସମେତ ସ୍ମରଣିକାର ସମ୍ପାଦକ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଡ୍ରିମ୍ସ ଆଇଡିଆଲ୍ ସ୍କୁଲର ପ୍ରତିଷ୍ଠାତା ଗଙ୍ଗାଧର ଦାସ, ଶ୍ରୀଜଗନ୍ନାଥ ଆବାସିକ ବିଦ୍ୟାଳୟର ସଭାପତି ଗଙ୍ଗାଧର ଜେନା ପ୍ରମୁଖ ସ୍ୱର୍ଗତ ମଲ୍ଲିକଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି କହିଥିଲେ । ସ୍ୱର୍ଗତଃ ମଲ୍ଲିକଙ୍କ ପୁତ୍ର ସଂଗ୍ରାମ ଓ ବିପ୍ଳବ, ସହଧର୍ମିଣୀ ବନଜାରାଣୀ ଏବଂ ବହୁ ବନ୍ଧୁବାନ୍ଧବ, ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପଦ୍ମ ପୁରସ୍କାରରେ ସମ୍ମାନିତ ହେଲେ ୫ ଓଡିଆ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧/୦୩ (ନି.ପ୍ର): ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଜି ୫ ଜଣ ଓଡିଆଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସମାଜସେବା କ୍ଷେତ୍ରରେ ସମାଜ ସଂସ୍କାରକ ତଥା ବିଶିଷ୍ଟ ପ୍ରବଚକ ଶ୍ରୀମଦ ବାବା ବଳିଆ,ବିଜ୍ଞାନ ଓ ବୈଷୟିକଜ୍ଞାନ କ୍ଷେତ୍ରରେ ପ୍ରଫେସର ଡ.ଆଦିତ୍ୟ ପ୍ରସାଦ ଦାଶ, କଳା କ୍ଷେତ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ଦେବୀ, ଶିକ୍ଷା ଏବଂସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ,ଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ରାଷ୍ଟ୍ରପତି ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ଆଜି ରାଷ୍ଟ୍ରପତି ଭାରତ ବର୍ଷର ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କୁ ମରଣୋତର ଭାବେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ସ୍ୱର୍ଗତ ଗୁରୁଙ୍କର ପତ୍ନୀ ଶ୍ରୀମତୀ ଅଂଜଳି ମହାପାତ୍ର ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ଭବନର ଦରବାର ହଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୨୨ର ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣରେ ମୋଟ ୬୪ ଜଣଙ୍କୁ ପଦ୍ମ ସମ୍ମାନ ପ୍ରଦାନ କରିଥିଲେ। ଆଜିର ପଦ୍ମ ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ଏମ.ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ଅମିତ ଶାହା,ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କରଙ୍କ ▶▶ପୃଷ୍ଠା ୭

# ପିତଳରେ ପାନୀୟ ଜଳ ସଂକଟ

ଗଞ୍ଜାମ,୨୧/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପିତଳରେ ପାନୀୟ ଜଳ ସଂକଟ ଦେଖାଦେଇଛି । ପ୍ରାୟ ଦୁଇ ମାସହେଲା ଅଂଚଳକୁ ପାଇପ୍ ଜଳଯୋଗାଣ ବନ୍ଦ ରହିଛି । ବିଭିନ୍ନ ସାହିରେ ଥିବା କୂପ ଗୁଡିକ ରାସ୍ତା ନିର୍ମାଣ ବେଳେ ପୂର୍ବତନ ସରପଂଚ ପୋତି ଦେଇଛନ୍ତି । ଏପରିକି ରାସ୍ତା ପ୍ରଶସ୍ତିକରଣ ବେଳେ ପିତଳ ଧୋବାହରିଜନ ସାହିରେ ଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଏକ ପକ୍କାପଥର କୂପକୁ ଗଞ୍ଜାମ ଜିଲାପାଳ ଓ ଶେରଗଡ ତହସିଲଦାରଙ୍କ ବାରଣ ସତ୍ତ୍ୱେ ଅବଜ୍ଞା କରି ପୂର୍ବତନ ସରପଂଚ ପୋତିଦେଇ କୂପମୁହଁରେ ସିମେଂଟ ପ୍ଲେଟଦେଇ ବନ୍ଦ କରିଦେଇଛନ୍ତି । ରୋଡ କାମ ସରିବା ପରେ ଏହି କୂଅରୁ ସିମେଂଟ ପ୍ଲେଟ ହଟାଇ ସେଥିରେ ନଳକୂପ ସଂଯୋଗ କରି ଲୋକେ ଏହି କୂପରୁ ପାଣି ନେଇପାରିବେ ବୋଲି ପୂର୍ବତନ ସରପଂଚ ପ୍ରତିଶୃତି ଦେଇଥିଲେ । ହେଲେ ଏହି ପ୍ରତିଶୃତି ଏବେ ପାଣିର ଗାର ପାଲଟିଛି । ଏପର୍ଯ୍ୟନ୍ତ ଏହି କୂପରୁ ଜନସାଧାରଣ ପାନୀୟ ଜଳ ପାଇପାରୁନାହାନ୍ତି । ତେବେ ସରକାରଙ୍କ ଜମିରେ ଥିବା ଏହି କୂପକୁ ପୋତିବାକୁ ପୂର୍ବତନ ସରପଂଚଙ୍କ ସାହାସ ହେଲା କିପରି ? ଏହି କାରଣରୁ ଧୋବାସାହି ଓ ବଜାର ସାହି ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିଫଳନ ଚଳିତ ପଂଚାୟତ ନିର୍ବାଚନରେ ଦେଖାଯାଇଛି । ବର୍ତମାନ ପିତଳ ପଂଚାୟତର ନବନିର୍ବାଚିତ ସରପଂଚ ଓ ସମିତିସଭ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ କୂଅ ଉପରୁ ସିମେଂଟ ପ୍ଲେଟ ହଟାଇ ଏଥିରେ ନଳକୂପ ସଂଯୋଗ କରିବାକୁ ଜନସାଧାରଣରେ ଦାବି ହେଉଛି । ଏଥିପ୍ରତି ଗଞ୍ଜାମ ଜିଲାପାଳ ଏବଂ ଶେରଗଡ଼ ବିଡିଓ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମ୍ୟୁନିସିପାଲଟି ନିର୍ବାଚନରେ ପ୍ରାର୍ଥୀ ଅଭାବ : ଉଧାରରେ ଆସୁଛନ୍ତି ପ୍ରାର୍ଥୀ

କେନ୍ଦୁଝର ,୨୧/୦୩ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶାନୁଶାରେ ଓ୍ୱାର୍ଡ ପୁନର୍ଃ ଗଠନ ଓ ଚୁଡାନ୍ତ ଭୋଟର ତାଲିକା କାର୍ଯ୍ୟ ଶେଷ ସହ ପଂଚାୟତ ନିର୍ବାଚନ ଶେଷ ହେବା ପେର ପେର କମିଶନରଙ୍କ ପକ୍ଷରୁ ମ୍ୟୁନିସପାଲଟି ଓ ନଗର ନିଗମ ମାନଙ୍କ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇଥିଲା । ଅନୁରୂପ ଭାବେ କେନ୍ଦୁଝର ଗଡ ଭଳି ମ୍ୟୁନିସପାଲଟି ପାଇଁ ମଧ୍ୟ ସମସ୍ତ ଓ୍ୱାର୍ଡ ପୁନର୍ଃ ଗଠନ କରାଯାଇ ବିଭିନ୍ନ ବଗର୍ଙ୍କ ନିମେନ୍ତ ସଂରକ୍ଷଣର ବ୍ୟବସ୍ଥା ଲାଗୁ କରାଗଲା । କିନ୍ତୁ ଗୁରୁତ୍ୱପୁର୍ଣ୍ଣ ହେଲା ଯେ ଓ୍ୱାର୍ଡ ମାନଙ୍କୁ ଯେଭଳି ସଂରକ୍ଷଣ କରାଯାଉଛି ସେହିନୁଶାରେ ସଂପୃକ୍ତ ଓ୍ୱାଡର୍ରେ ସେହି ବଗର୍ର ପ୍ରାର୍ଥ ତଥା ଲୋକ ଅଛନ୍ତି କି ନାହିଁ ତାହାକୁ ସଂପୁର୍ଣ୍ଣ ଅଣେଦଖା କରାଯାଇଅଛି । ଫଳେର କେେତକ ସଂରକ୍ଷିତ ଓ ୍ୱାଡର୍ରେ ଚଳିତ ନିର୍ବାଚେନର କାଉନସିଲର ପାଇଁ ପ୍ରାର୍ଥୀ ମିଳୁ ନାହାଁନ୍ତି । ଯେଉଁଥି ପାଇଁ ରାଜେନୖତିକ ଦଳ ମେନ ଅନ୍ୟ ଓ୍ୱାଡର୍ରୁ ପ୍ରାର୍ଥୀ ଉଧାର ଆଣିବାକୁ ସ୍ୱଭାବିକ ଭେବ ବାଧ୍ୟ ହେଉଛନ୍ତି । । ଯେଉଁମାେନ କି ସଂପୃକ୍ତ ଓ୍ୱାଡର୍ର ସାଧାରଣ ତଥା ଏପରିକି ମୌଳିକ ସମସ୍ୟା ପ୍ରତି ସେମାେନ ଅଜ୍ଞ । ଯେଉଁଥିରୁ କି ସଂପୃକ୍ତ ଓ୍ୱାର୍ଡର ବିକାଶ ଉପେର ସଂପୃକ୍ତ ଓ୍ୱାଡର୍ବାସୀ ଆଶଙ୍କା ପ୍ରକାଶ କରିବା ସ୍ୱଭାବିକ । କେନ୍ଦୁଝର ଗଡ ମ୍ୟୁନିସପାଲଟିର ଏଭଳି ଏକ ଓ୍ୱାର୍ଡ ହେଉଛି ୧୨ ନମ୍ବର ଓ୍ୱାର୍ଡ । ଯେଉଁ ଓ୍ୱାଡର୍ଟି ଆଦିବାସୀ ବଗର୍ର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି । କିନ୍ତୁ ଏହି ଓ୍ୱାର୍ଡ ରେ ଏହି ବଗର୍ର ଗୋଟିଏ ପରିବାର ରହିଥିବା ବେେଳ ସେମାେନ କିନ୍ତୁ ରାଜନୀତି ଠାରୁ ବହୁଦୂରେର । କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ଯେ ଓ୍ୱାର୍ଡ ସଂରକ୍ଷଣର ର ତାଲିକ ପ୍ରକାଶ ସମେୟର ରାଜେନୖତିକ ଦଳମାେନ ଏ ସଂପକର୍ରେ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକଷର୍ଣ କରି ଅନୁରୂପ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଥିଲେ ମଧ୍ୟ ତାକୁ ଅଣେଦଖା କରାଯାଉଛି । କେନ୍ଦୁଝର ମ୍ୟୁନିସପାଲଟି ର ଏହି ୧୨ ନମ୍ବର ଓ୍ୱାଡର୍ରେ ୧୦୨୭ ଜଣ ଭୋଟର ରହିଥିବା ବେେଳ ସେମଧ୍ୟେର ପୁରୁଷଙ୍କ ସଂଖ୍ୟା ୫୧୫ ଓ ମହିଳାଙ୍କ ସଂଖ୍ୟା ୫୧୨ ରହିଛି । ଏ ଘର ତଥା ପରିବାର ସଂଖ୍ୟା ୨୧୨ ରହିଛି । ଧୋବାଡିହାସ୍ଥିତ ବାପୁଜୀ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟେର ଭୋଟ ଗ୍ରହଣର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି ।

# ପୌର ନିର୍ବାଚନ ପାଇଁ ଉଷ୍ମତା : ୮ ପ୍ରାର୍ଥୀଙ୍କ ମଧ୍ୟରେ ହେବ ଅଧ୍ୟକ୍ଷ ପଦ ପାଇଁ ଲଢେଇ

ମାଲକାନଗିରି,୨୧/୦୩(ନି.ପ୍ର): ମାଲକାନଗିରି ପୌର ନିର୍ବାଚନ ପାଇଁ ପାଣିପାଗ ଉଷ୍ମ ହେବାରେ ଲାଗିଥିବା ବେଳେ ବର୍ତମାନ ପୌର ନିର୍ବାଚନରେ ପୌରାଧକ୍ଷ ପଦବୀ ନିମନ୍ତେ ମୋଟ ୮ ଜଣ ପ୍ରାର୍ଥୀ ନିଜ ନିଜ ପ୍ରଚାରରେ ଲାଗି ପଡିଛନ୍ତି । ଚଳିତ ଥର ମାଲକାନଗିରି ପୌର ପରିଷଦ ଅଧକ୍ଷ ପଦବୀ ଆସନଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ମୋଟ ୮ ଜଣ ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ କରାଯିବାକୁ ଥିବା ବେଳେ ୨୬ ତାରିଖ ଭୋଟ ଗଣତି ନେଇ ତାରିଖ ଘୋଷଣା କରାଯାଇଛି । ତେବେ ଏଥର ତିନି ପ୍ରମୁଖ ଦଳର ଜଣେ ଜଣେ ନାମିଦାମୀ ନେତା ନିର୍ବାଚନ ମଇଦାନରେ ଛିଡା ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବରେ ମଧ କିଛି ସମାଜସେବୀ ନିଜକୁ ଏହି ପଦବୀ ପାଇଁ ଦାବିଦାର ଘୋଷିତ କରିବା ସହ ନାମାଙ୍କନ ଦାଖଲ କରିଥିବା ବେଳେ ଲୋକେ ଯାହାକୁ ଉତମ ଭାବିବେ ତାକୁ ହିଁ ଭୋଟ ଦେବେ ବୋଲି ରାଜନୈତିକ ସମୀକ୍ଷକ ମାନେ ପ୍ରକାଶ କରିଛନ୍ତି । ତେବେ ଚଳିତ ନିର୍ବାଚନକୁ ନେଇ ବିଜେଡି ମାଲକାନଗିରି ପୌର ପରିଷଦରେ ସମସ୍ତ ୱାର୍ଡରେ କାଉନସିଲର ପ୍ରାର୍ଥୀ ଦେଇଥିବା ବେଳେ ବିଜେପି କିନ୍ତୁ ୧୯ ୱାର୍ଡ ମଧ୍ୟରୁ ଦୁଇଟି ୱାର୍ଡରେ ପ୍ରାର୍ଥୀ ଦେଇପାରି ନାହିଁ ସେହିପରି କଂଗ୍ରେସ ମଧ ଗୋଟିଏ ୱାର୍ଡରେ ପ୍ରାର୍ଥୀ ଦେଇପାରି ନାହିଁ। ତେବେ ବର୍ତମାନ ସମସ୍ତ ୱାର୍ଡରେ କାଉନସିଲର ପ୍ରାର୍ଥୀ ସହ ପୌରାଧକ୍ଷ ପ୍ରାର୍ଥୀମାନଙ୍କ ପ୍ରଚାର ଜୋର ଧରିବାରେ ଲାଗିଥିବା ବେଳେ ତିନି ପ୍ରମୁଖ ଦଳର ଉତମ ଓ ହେବିୱେଟ ଚେହେରା ଏହି ପ୍ରଚାର କାର୍ଯରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା ଆରମ୍ଭ କରିଛନ୍ତି । ତେବେ ପୌର ପରିଷଦ ଆସନ ହାତେଇବାକୁ ସମସ୍ତ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରୟାସ ଆରମ୍ଭ କରିଛନ୍ତି। ମାଲକାନଗିରି ପୌର ନିର୍ବାଚନରେ ଅଧକ୍ଷ ପଦବୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ସାମ୍ବାଦିକ କେଶବ ଚନ୍ଦ୍ର ନାୟକ ସାଇକେଲ ଚିହ୍ନ, ବାବୁଲି ମାଢି ବାଳକବାଳିକା ଚିହ୍ନ, ମନୋଜ କୁମାର ପାଢୀ ନଗରା ଚିହ୍ନ, ମନୋଜ କୁମାର ସାହୁ ଲଣ୍ଠନ ଚିହ୍ନ, ହାତ ଚିହ୍ନରେ ଜି ଶ୍ରୀନିବାସ ରାଓ (ଚିଟି), ଶଙ୍ଖ ଚିହ୍ନରେ ମନୋଜ ବାରିକ (ଭାନୁ) ଓ ପଦ୍ମ ଫୁଲ ଚିହ୍ନରେ ଶ୍ୟାମଲ ସୁନାନୀ ନିର୍ବାଚନରେ ଛିଡା ହୋଇଛନ୍ତି । ସେହିପରି ସମସ୍ତ ୧୯ଟି ୱାର୍ଡର କାଉନସିଲର ମାନଙ୍କ ନାମ ମଧ ପ୍ରକାଶ ପାଇଛି। ସମସ୍ତ ପ୍ରାର୍ଥୀ ଭୋଟରଙ୍କ ନିକଟରେ ପ୍ରଚାର ପାଇଁ ପହଂଚି ଥିବା ବେଳେ ବିଜୁ ଜନତା ଦଳ ଜିଲ୍ଲାରେ ଭଲ ସ୍ଥିତିରେ ଥିବା ପରିଲକ୍ଷିତ ହୋଇଛି । ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ଗୁଡିକର ସୁଫଳ ଦଳକୁ ମିଳିବ ବୋଲି ଦଳୀୟ ନେତା ଆଶାବ୍ୟକ୍ତ କରିଛନ୍ତି ।

ଅପରପକ୍ଷରେ କଂଗ୍ରେସ ଓ ବିଜେପି ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦି ନିର୍ବାଚନରେ ବାଜିମାତ କରିବେ ବୋଲି ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି । ନିର୍ବାଚନ ଯେତେ ପାଖେଉଛି ନିର୍ବାଚନ ପ୍ରଚାର ଉଷ୍ମତା ସେତିକି ମାତ୍ରାରେ ବଢିବାରେ ଲାଗିଥିବା ବେଳେ ଭୋଟର ଏହି ନିର୍ବାଚନ ମାହୋଲର ଭରପୁର ମଜା ଉଠାଇବା ସହ ବିଭିନ୍ନ ଖଟିରେ କିଏ ବାଜିମାତ କରିବ ସେନେଇ ଜୋରସୋର ଆଲୋଚନା ହେଉଛି ।

# ବିପଦସଙ୍କୁଳ ଅବସ୍ଥାରେ ରାଜା ରାଜୁଡ଼ା ଅମଳର ପଥର ବନ୍ଧ

ଘସିପୁରା,୨୧/୦୩ (ନି.ପ୍ର): ମାତ୍ରାଧିକ ବାଲିଖନନ ଯୋଗୁ ସମ୍ପ୍ରତି ବିପଦସଙ୍କୁଳ ଅବସ୍ଥାରେ ପହଂଚିଛି ଦେଓଗାଁ କୁଶଳେଶ୍ୱର ରାଜାରାଜୁଡ଼ା ଅମଳର ପଥର ବନ୍ଧ । କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଠାରେ ଥିବା କୁଶେଇ ନଦୀରୁ ପର୍ଯ୍ୟାପ୍ତ ପରିମାଣରେ ବାଲି ଖନନ ଯୋଗୁଁ ଏହି ଐତିହ୍ୟସମ୍ପନ୍ନ ପଥର ବନ୍ଧ ସମ୍ପୂର୍ଣ୍ଣ ଭୁଷୁଡି ପଡିବା ସ୍ଥିତିରେ ପହଂଚିଛି । ଏପରି ମାତ୍ରାଧିକ ବାଲି ଖନନକୁ ବିରୋଧ କରି ସ୍ଥାନୀୟ ନାଗରିକ ଓ ବୁଦ୍ଧିଜିବୀ ପ୍ରଶାସନକୁ ଅବଗତ କରିଥିଲେ ମଧ ଏଯାବତ୍ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦେଓଗାଁ ଠାରେ ସ୍ଥାପିତ ସର୍ବପୁରାତନ ଶ୍ରୀ କୁଶଳେଶ୍ୱର ଶୈବପିଠକୁ କୁଶେଇ ନଦୀର ବନ୍ୟା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦୁଝରର ତତ୍କାଳୀନ ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ୧୮୬୧ ମସିହାରେ କୁଶେଇ ନଦୀକୂଳରେ ଏହି ପଥର ବନ୍ଧ ନିର୍ମାଣ କରିଥିଲେ । ଏହି ପଥର ବନ୍ଧର ଦୈର୍ଘ୍ୟ ପ୍ରାୟ ୩ ଶହ ମିଟର ହୋଇଥିବା ବେଳେ ଓସାର ୨ ମିଟର । ପ୍ରଶାସନର ଅଣଦେଖା ଯୋଗୁଁ ବର୍ତମାନ ବନ୍ଧର ଅନେକ ଅଂଶ ଜବରଦଖଲ ହୋଇଯାଇଥିବା ବେଳେ ବହୁ ତଳ ସ୍ତର ପର୍ଯ୍ୟନ୍ତ ବାଲି ଖନନ କରାଯାଇଥିବାରୁ ପଥର ବନ୍ଧରେ ଫାଟ ସୃଷ୍ଟି ହୋଇ ଭୁଶୁଡି ପଡିବାର ଆଶଙ୍କା ଦେଖାଦେଇଛି । ଦୈନଦିନ ଶତାଧିକ ଭାରିଯାନ ଯୋଗେ ବାଲି ଚାଲାଣ ଯୋଗୁ ବନ୍ଧର ମୂଳଦୁଆ ଦବିଯାଇ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । କୁଶେଇ ନଦୀର ବିଭିନ୍ନ ଘାଟରୁ ପ୍ରତିଦିନ ହାଇୱା ଯୋଗେ ଜିଲା ବାହର ଅଂଚଳକୁ ବାଲି ଚାଲାଣ ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ନିଲାମ ହୋଇନଥିବା କୁଶେଇ ନଦୀର କେତେକ ଘାଟରୁ ମାଫିଆ ମାନେ ଦିନରାତି ବାଲି ପରିବହନ କରୁଥିବାରୁ ସରକାର ଅମାପ ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି । ରାଜ୍ୟ ବାହାରକୁ ଶହ ଶହ ସଂଖ୍ୟାରେ ହାଇୱା ଯୋଗେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଦିନରେ ଅଂଚଳ ବାସୀଙ୍କ ନଜର ଓ ପ୍ରଶାସନିକ ଅଧିକାରୀଙ୍କ ଚଳପ୍ରଚଳ ଯୋଗୁଁ ଏହି କାରବାର ସଞ୍ଜ ନଇଁଲେ ରାତି ସାରା ବେଧଡକ ଭାବରେ ଚାଲୁଛି । କୁଶେଇ ନଦୀର ଦେଓଗାଁ ଶନିତୋଟା ଘାଟରୁ ଉଠାଯାଉଥିବା ବାଲି ପରିମାଣ କମିଯିବାରୁ ବର୍ତମାନ କୁଶେଇ ସେତୁ ନିକଟରୁ ଏହା ଖନନ ହେଉଥିବା ଚିନ୍ତାର କାରଣ ହୋଇଛି । କୁଶେଇ ସେତୁର ୫ ଶହ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଂଚଳ ହୋଇଥିଲେ ମଧ ମାତ୍ର ଶହେ ମିଟର ପରିସରରେ ଏପରି କାରବାର ଚାଲିଥିବାରୁ କୁଶେଇ ସେତୁ ଓ କୁଶଳେଶ୍ୱର ରାଜାରାଜୁଡ଼ା ଅମଳର ପଥର ବନ୍ଧ ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ଜଣାପଡ଼ିଛି । ତେଣୁ ବେଳ ଥାଉଁ ପ୍ରଶାସନ ଏହାର ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

# ଯାଦବ ସମାଜର ରୌପ୍ୟ ଜୟନ୍ତୀ ପାଳନ

ବଲାଙ୍ଗିର ,୨୧/୦୩ (ନି.ପ୍ର): ସପ୍ତରଙ୍ଗରେ ରାଙ୍ଗାୟତ ହେଲେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି । ବିମାନରେ ବସି ସହର ପରିକ୍ରମା କଲେ, ଭକ୍ତଙ୍କ ସହ ହୋଲି ଖେଳିଲେ । କରୋନା କଟକଣା ଯୋଗୁଁ ଗଲା ୨ ବର୍ଷ ହେଲା ବନ୍ଦ ହୋଇଯାଇଥିବା ଦୋଳମହୋତ୍ସବ ଚଳିତ ବର୍ଷ ଧୁମଧାମ୍‌ରେ ପାଳନ କରିଛନ୍ତି ବଲାଙ୍ଗିର ଜିଲା ଯାଦବ ସମାଜ ।

ବଲାଙ୍ଗିର ଜିଲା ଯାଦବ ସମାଜ ଆନୁକୂଲ୍ୟରେ ଦୋଳ ମହୋତ୍ସବକୁ ୨୫ ବର୍ଷ ପୂର୍ତ୍ତି ହୋଇଯାଇଥିବା ବେଳେ ୨୬ ତମ ପବିତ୍ର ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହାନ୍ ଭାଇଚାରାର ପର୍ବରେ ବଲାଙ୍ଗିରସହରର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ । ଚଳିତ ବର୍ଷ ରାଜ ପରିବାର ଯାଦବମାନଙ୍କ ସହ ହୋଲି ଖେଳିଛନ୍ତି । ସାଂସଦ ସଙ୍ଗୀତା ସିଂହଦେଓ ଯୋଗଦେଇ ପୂଜାର୍ଚ୍ଚନା କରିଥିବା ବେଳେ ଦୋଳପର୍ବରେ ସାମିଲ ହୋଇଥିଲେ । ସେହିପରି ଯୁବନେତା ଅର୍କେଶ ନାରାୟଣ ସିଂହଦେଓ ଓ ତାଙ୍କ ଧର୍ମପତ୍ନୀ ଅଦ୍ରିଜା ମଞ୍ଜରୀ ସିଂହଦେଓ ରାଧାକୃଷ୍ଣଙ୍କ ସୁସଜ୍ଜିତ ବିମାନକୁ ନିଜ କାନ୍ଧରେ ବୋହିଥିଲେ । ଯାଦବଙ୍କ ପରମ୍ପରାଗତ ଗୌଡ ବାଡି ଖେଳ ସହରର ସ୍ଥାନେସ୍ଥାନେ ଖେଳ ପ୍ରଦର୍ଶନ କରାଯାଇଥିବା ବେଳେ ସାଂସ୍କୃତିକ ଶୋଭାଯାତ୍ରାରେ ସୁଦପାଡା ଘଣ୍ଟପାର୍ଟି,ତୁଣ୍ଡାର ବଜା ବାଡି,ସିଂହାଣୀମୁଣ୍ଡାର ବଜା, କେସେଇପାଲିର ବାଡି ଦଳ,ବଞ୍ଜାରୀ ବାଡି ସମେତ କୁନି ଶିଶୁଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ବେଶ ମନୋରମ ପରିବେଶ ସହରରେ ସୃଷ୍ଟି ହୋଇଥିଲା । ଶୋଭାଯାତ୍ରା ଇଷ୍ଟଦେବୀ ମା'ସମଲେଇ, ମା'ପାଟଣେଶ୍ୱରୀ ମନ୍ଦିର ଦେଇ ଯାଦବ ଭବନକୁ ଶୋଭାଯାତ୍ରା ଫେରିଆସିଥିଲା । ଯାଦବ ସମାଜର ମହିଳା ନେତ୍ରୀ ବୃନ୍ଦାବତୀ ସେଲମା,ବୃନ୍ଦାବତୀ ଚନ୍ଦନ,ସଦର ବ୍ଲକ ଅଧକ୍ଷା ସରିତା ବାଗ,ପୂର୍ବତନ ପୌରାଧକ୍ଷା ଦମୟନ୍ତୀ ବାଗ,ଟିକେଶ୍ୱରୀ ସେଲମା,ଉର୍ମିଳା ମାଝୀ, ସତ୍ୟନାରାୟଣ ବାଗ, ଦୃତିବାହାନ ଚନ୍ଦନ,ଅଷ୍ଟମୀ ବଗର୍ତ୍ତୀ, ଖରତମଲ ରାଉତ, ବାସୁଦେବ ନାଗ, ରଥୀଚନ୍ଦ୍ର ଭୋଇ,ବରୁଣ ହେର୍ଣ୍ଣା,ଶଙ୍କର ପୋଢ, ଧୀରୁ ବନଛୋର, ମହେନ୍ଦ୍ର ବାଗ,ଦିଗାମ୍ବର ମାଝୀ, ଆଶୁତୋଷ ବାଗ, ବସୁଦେବ ନାଗ, ଥବିର ସେଲମା,ଇଶ୍ୱର ବାଗ, କୃଷ୍ଣଚନ୍ଦ୍ର ବଗର୍ତ୍ତୀ,ସୁବଳ ବାଗ,କିଶୋର ଜାଲ,ଜୟଦେବ ଜାଲ,ସନ୍ଦୀପ ବାଗ,ଫଗୁ ଜାଲ,ବିନୋଦ କାଲସାଏ,ସାନ ଜାଲ,ଆକୁଳ ବଗର୍ତ୍ତୀ,ଡମ୍ବରୁ ନାଗ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସନ୍ଧ୍ୟାରେ ଲୋକ କବିରତ୍ନ ପଦ୍ମଶ୍ରୀ ଡ. ହଲଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୋଳ ମହୋତ୍ସବ ରୌପ୍ୟ ଜୟନ୍ତୀ ଉପଲକ୍ଷେ 'ଫଗୁନ ପୁନି' ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ପୌରାଂଚଳ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ତଥା ସ୍ମରଣିକା କମିଟିର ମୁଖ୍ୟ ସମ୍ପାଦକ ବିରେନ୍ଦ୍ର ବନଛୋରଙ୍କ ସଂଯୋଜନାରେ ଅତିଥି ଭାବେ ଲକ୍ଷ୍ମଣ ଜାଲ,ପ୍ରଦୀପ ସେଲମା, ଅରକ୍ଷୀତ କୁଏଡ, ହରିଶଙ୍କର ଛତ୍ରିଆ, ଦିବାକର ପୋଢ, ମୃଣ୍ମୟୀ ଭୋଇ ,ଛବିଳ ବଗର୍ତ୍ତୀ, ସ୍ମରଣିକାର ସମ୍ପାଦକ ପ୍ରଶାନ୍ତ ମହାକୁର ମଂଚାସିନ ହୋଇଥିଲେ । ଉନ୍ମୋଚିତ ସ୍ମରଣିକାରେ ଅନେକ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ, ସାହିତ୍ୟିକ, ସାମ୍ବାଦିକ ,ଗବେଷକ/ଗବେଷିକାଙ୍କ ଲେଖା ସାମିଲ ହୋଇଥିବା ବେଳେ ଯାଦବ ସମାଜ,ଦୋଳ ଓ ହୋଲି ସମ୍ପର୍କିତ ଏକ ବିଶେଷ ତଥ୍ୟଭିତ୍ତିକ ପୁସ୍ତକ ଭାବେ ଆଗାମୀ ପିଢିକୁ ମାର୍ଗଦର୍ଶନ କରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା । ପରେ ଯୁବ କବି ଅର୍ଜୁନ ସାହୁଙ୍କ ପରିଚାଳନାରେ ବ୍ୟଙ୍ଗ କବିତା ଆସର ହୋଇଥିଲା ।

# ୮୪ ତମ ବ୍ରହ୍ମବରଦା ରଘୁନାଥଜୀଉ ମେଲଣ ଉଦ୍‌ଯାପିତ

ଧର୍ମଶାଳା,୨୧/୦୩(ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାର ୮୪ତମ ଶ୍ରୀଶ୍ରୀ ରଘୁନାଥ ଜୀଉ ମେଲଣ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଗତକାଲି ବିଳମ୍ବିତ ରାତିଠାରୁ ଆରମ୍ଭ ହୋଇଥିବା ଏହି ମେଲଣରେ ସ୍ଥାନୀୟ ଅଞ୍ଚଳରୁ ଛୋଟବଡ ୧୫ରୁ ଉର୍ଦ୍ଧ ବିମାନ ଯୋଗ ଦେଇଥିଲେ । କୋଭିଡ ନିୟମ ଅନୁଯାୟୀ କେବଳ ଥାନାପତି ବିମାନ ସହ ୨ଟି ବଡ ବିମାନ ଓ ୧୦ଗୋଟି ଛୋଟ ବିମାନ ଯୋଗ ଦେଇଥିଲେ । ମୁଖ୍ୟତଃ ଗୋପିନାଥ ଜୀଉ ଛେନାଖିଆ ପାଟଣା ବ୍ରହ୍ମବରଦା,ମଦନ ମୋହନ ଜୀଉ ପହି ,ମଦନ ମୋହନ ଜୀଉ ଚୋରମୁହାଁ ଓ ରଘୁନାଥ ଜୀଉ ଚାନ୍ଦପୁର ଆଦି ବିମାନ ଯୋଗଦେଇ ଥିଲେ । ରଘୁନାଥ ଜୀଉ ବ୍ରହ୍ମବରଦା ବିମାନ ଥାନପତି ଆସନ ଅଳକୃତ କରିଥିଲେ । ଆଜି ସକାଳେ ସମସ୍ତ ବିମାନ ସୁସଜ୍ଜିତ ଓ ନାମସଂକୀର୍ତନ ଆଦି ରାଧାକୃଷ୍ଣ ପ୍ରେମ ଗୀତରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମେଲଣ ପଡିଆରେ ଏକତ୍ର ହୋଇ ଫଗୁ ଖେଳିଥିଲେ । ଫଗୁ ଖେଳିବା ପରେ ବିମାନ ନିକଟରେ ଭୋଗ ଲାଗି କରାଯାଇ ବିମାନ ଗୁଡିକୁ ବିଦାକି ଦିଆଯାଇଥିଲା । ରଘୁନାଥ ଜୀଉ ମେଲଣ କମିଟିର ସଭାପତି ସୁକାନ୍ତ କୁମାର ବିଶ୍ୱାଳ,ସମ୍ପାଦକ ଅତୁଲ୍ୟ ରାଉତ,ଉପ-ସଭାପତି ବିବେକାନନ୍ଦ ଦେଓ,ସହ-ସମ୍ପାଦକ ମହେଶ ବେହେରାଙ୍କ ସମେତ ପ୍ରଦିପ ଦାସ,ରାକେଶ ଦେଓ,ଅମୂଲ୍ୟ ରାଉତ,ସଂଜୟ ବେହେରା, ରଶ୍ମିରଂଜନ ରାଉତ, ଚିନ୍ତାମଣି ରାଉତ,ପିଂଟୁ ସାହୁ, ଧନଞ୍ଜୟ ରାଉତ,ଅଖିଳ ବେହେରା, କାବୁଲି ବାରିକ,ଧିରେନ୍ଦ୍ର ଦାସ ପ୍ରମୁଖ ମେଲଣ ପରିଚାଳନାରେ ସହଯୋଗ କରିଥିଲେ ।

# ମା' ସିଦ୍ଧ ବାଙ୍କେଶ୍ୱରୀଙ୍କ ବାର୍ଷିକ ଯାତ୍ରା

ଗଞ୍ଜାମ,୨୧/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟସ୍ଥ ବଡଡୁମୁଳା ପର୍ବତ ଉପରେ ଥିବା ମା ସିଦ୍ଧ ବାଙ୍କେଶ୍ୱରୀଙ୍କ ବାର୍ଷିକ ଯାତ୍ରା ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଗୁରୁବାର ଦେବୀଙ୍କ ପୂଜାର୍ଚ୍ଚନା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ ମାନେ ସେମାନଙ୍କ ଶିଶୁ ମାନଙ୍କର ମୁଣ୍ଡନ କରିଥିଲେ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କୋଭିଡ୍ କଟକଣା ପାଇଁ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ମୁହଁରେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଥିଲା । ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଦିଗପହଣ୍ଡି ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ଉପାନ୍ତ ଅଂଚଳରେ ଅପହଂଚ ନେଟୱାର୍କ : ବିକାଶରେ ସାଜୁଛି ବାଧକ

ମାଲକାନଗିରି ,୨୧/୦୩ (ନି.ପ୍ର): ସମ୍ପ୍ରତି ଇଣ୍ଟରନେଟ ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହୋଇଛି । ସରକାର ମଧ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ପୂରଣ କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି । ସରକାରୀ ଠୁ ବେସରକାରୀ ଯାଏଁ ସବୁଠି ପେପରଲେସ୍ କାର୍ଯ୍ୟ ପାଇଁ ଆହ୍ୱାନ ଦେଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର । ସିଙ୍ଗିଲ କ୍ଲିକ୍‌ରେ ସରୁଛି ବଡ ବଡ କାର୍ଯ୍ୟ । ସରକାର ଏପରି ଭାବେ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖୁଥିବାବେଳେ ମାଲକାନଗିରି ଭଳି ଆଦିବାସୀ ଆଧୁଷିତ ଜିଲ୍ଲାରେ ଅନଲାଇନ ବ୍ୟବସ୍ଥାର ଚିତ୍ରପଟ୍ଟ ରହିଛି କିଛି ଭିନ୍ନ । ବହୁ ଉପାନ୍ତ ଅଂଚଳକୁ ଏବେ ବି ପହଂଚିପାରିନି ମୋବାଇଲ ସେବା ।

ବେ ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୧୧ ପଂଚାୟତରୁ ପ୍ରାୟ ୩୫ ରୁ ଉର୍ଦ୍ଧ ପଂଚାୟତର ଶତାଧିକ ଗାଁକୁ ଆଦୌ ନେଟ୍‌ୱର୍କ ସୁବିଧା ମିଳୁନାହିଁ । ଆଦିବାସୀ ଅଧୁଷିତ ଓ ମାଓ ପ୍ରବଣ ଅଂଚଳକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମୋବାଇଲ ଟାୱାର ପ୍ରତିଷ୍ଠା କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ମାତ୍ର ମାଲକାନଗିରି ଜିଲ୍ଲାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପ୍ରଶାସନ ଓ ବିଏସଏନଲ କର୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ଜିଲ୍ଲାର ପ୍ରମୁଖ ଅଂଚଳର ଅଧିକାଂଶ ପଂଚାୟତରେ ବର୍ଷ ବର୍ଷ ଧରି ଲୋକେ ମୋବାଇଲ୍ ନେଟୱର୍କ ସମସ୍ୟା ଯୋଗୁଁ ନାକେଦମ୍ ହେଉଛନ୍ତି । ଅଂଚଳବାସୀ ବାରମ୍ବାର ପ୍ରଶାସନ ଓ ବିଏସ ଏନ ଏଲ କର୍ତୃପକ୍ଷଙ୍କ ନିକଟରେ ଗୁହାରି କରିବା ସତ୍ତ୍ୱେ ମୋବାଇଲ ସେବା ସ୍ୱାଭାବିକ ହୋଇପାରୁନି । ପଂଚାୟତଗୁଡିକରେ ବ୍ୟାଙ୍କିଂ ସେବା ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାମ ବାଧାପ୍ରାପ୍ତ ହେଉଛି । ସବୁଠୁ ପଛୁଆ ବ୍ଲକ୍ ଭାବେ ପରିଚିତ ଚିତ୍ରକୋଣ୍ଡା ବ୍ଲକ ରେ ନେଟ୍‌ୱାର୍କ ସମସ୍ୟା ଲାଗି ରହୁଥିବାରୁ କିଛି ପଂଚାୟତ ଅଂଚଳରେ ଲୋକେ ବିଛିନ୍ନାଂଚଳ ଭଳି ଜୀବନ ବିତାଉଛନ୍ତି । ଜିଲ୍ଲା ସଦର ମହକୁମାରୁ ୬୦ କିମି ଦୂରରେ ଥିବା ଏହି ବ୍ଲକ୍ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଚିର ଅବହେଳିତ ହୋଇଚାଲିଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି । ସେହିପରି ଗତ ଦୁଇ ବର୍ଷ ହେଲାଣି କୋରୋନା ଯୋଗୁଁ ଅନଲାଇନରେ ପାଠପଢା ଚାଲିଛି । ହେଲେ ସରକାର ଡିଜିଟାଲ୍ ଇଣ୍ଡିଆର ପରିକଳ୍ପନା କରୁଥିବାବେଳେ ଏହି ଉପାନ୍ତ ଅଂଚଳ ପିଲାଙ୍କ ପାଠପଢାରେ ବାଧକ ସାଜିଛି ନେଟୱାର୍କ । ଅନେକ ପିଲା ଡ୍ରପଆଉଟ୍ ମଧ ହୋଇସାରିଛନ୍ତି ।

# ୧୮୯ ବାଟାଲିୟନ ସି ଆର୍ ପି ଏଫ୍‌ର ହୋଲି ଉତ୍ସବ ଅନୁଷ୍ଠିତ

ବଲାଙ୍ଗିର ,୨୧/୦୩ (ନି.ପ୍ର): ୧୮୯ ବାଟାଲିଅନ୍ ସିଆର୍‌ପିଏଫ କମାଣ୍ଡାଣ୍ଟ ପଓ୍ୱନ କୁମାର ତିଓ୍ୱାରୀଙ୍କ ନେତୃତ୍ୱରେ ବାଲାଙ୍ଗିରରେ ଧୁମ୍‌ଧାମ୍‌ରେ ହୋଲି ପର୍ବ ପାଳନ କରାଯାଇଥିଲା । ଏବଂ ସନ୍ଧ୍ୟାରେ ଏକ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଏସ୍ ପାଣିଗ୍ରାହୀ, ପ୍ରିନ୍ସିପାଲ୍ କେ.ଭି-୨ ବଲାଙ୍ଗିର ଏବଠ ସସିଆର୍‌ପିଏଫ ପରିବାର ଏବଂ ଜନସାଧାରଣ ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ପଓ୍ୱନ କୁମାର ତିଓ୍ୱାରୀ ଅତିଥି, ସ୍ଥାନୀୟ ପରିଦର୍ଶକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ହୋଲି ଅବସରରେ ସମସ୍ତ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିନୋଦ କୁମାର ଟଣ୍ଡନ୍, ସାଧାରଣ ଜନତା ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଦେଶର ଏକତା ତଥା ଶାନ୍ତି ବଜାୟ ରଖିବାରେ ସିଆର୍‌ପିଏଫ୍‌ର ଇତିହାସ, ଭୂମିକା, କାର୍ଯ୍ୟକଳାପ, ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ କର୍ତ୍ତବ୍ୟ ବିଷୟରେ କମାଣ୍ଡାଣ୍ଟ ଏକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆର୍‌ପିଏଫ କର୍ମକର୍ତ୍ତା, ସ୍ଥାନୀୟ ଛାତ୍ର ଏବଂ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଏବଂ ଜୀବନ୍ତ ଦେଶପ୍ରେମୀ ଗୀତ, ସ୍ଥାନୀୟ ଲୋକ ନୃତ୍ୟ ଏବଂ ନାଟକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ଯାହା କେବଳ ଉତ୍ସବର ଚିତ୍ର ନୁହେଁ ବରଂ ଦମନ ତଥା ବିକଶିତ ମାନବ ଭାବର ଏକ ଅନୁସନ୍ଧାନ ଥିଲା । ଏହା ପୂର୍ବରୁ ସକାଳେ ହୋଲି ରଙ୍ଗରେ ଖେଳାଯାଇଥିଲା ।

# ଲକ୍ଷାଧିକ ଟଙ୍କାର ମଦ ଓ ପୋଚ ଜବତ

ଜୟପୁର,୨୧/୦୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବଡ ଓଜେଇ ଜଙ୍ଗଲ ଉପରେ ଅବକାରି ବିଭାଗ ଚଢାଉ କରିଛି । ଚଢାଉ କରି ୪ ହଜାର ୨ ସହ ଲିଟର ପୋଚ ଓ ୨ ଶହ ୫୦ ଲିଟର ଦେସି ମଦ କୁ ଜବତ କରିଛି । ଯାହାର ଅନୁମାନିକ ମୁଲ୍ୟ ଲକ୍ଷାଧିକ ଟଙ୍କା ହେବ । ମଦ ମାଫିଆ ମାନେ ଜଙ୍ଗଲରେ ମଦ ଓ ପୋଚ ଲୁଚାଇ ରଖିଥିବା ଜୟପୁର ଅବକାରି ବିଭାଗ ସୁଚନା ପାଇ ଏହି ଚଢାଉ କରିଥିଲା । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଜଙ୍ଗଲ ରୁ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ମଦ ଓ ପୋଜ ଜବତ କରି ନଷ୍ଟ କରିଛି । ହୋ ସହ ଘଟଣା ସ୍ଥଳରୁ ଡ୍ରମ, ମଦ ରନ୍ଧା ସରଞ୍ଜାମ ଆଦିକୁ ଜବତ କରିଥିବା ଜଣାଯାଇଛି ।

# ଯୁଦ୍ଧ ଆଳରେ ଦାରିଙ୍ଗବାଡ଼ି ଅଂଚଳରେ ଖାଇବା ତେଲ ଦର ଅହେତୁକ ବୃଦ୍ଧି

କନ୍ଧମାଳ ,୨୧/୦୩ (ନି.ପ୍ର): ଋଷ-ୟୁକ୍ରେନ ଯୁଦ୍ଧକୁ ଆଳ କରି ରାଜ୍ୟରେ ବ୍ୟବସାୟୀମାନେ ଖାଇବା ତେଲ ଦରରେ ଅହେତୁକ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ମୁଖ୍ୟତଃ ଗରିବ ଦିନ ମଜୁରିଆମାନେ ହଇରାଣ ହରକତ ହେଉଛନ୍ତି । କାରଣ ଖାଇବା ତେଲ ଲିଟର ପିଛା ୩୦ରୁ ୪୦ ଟଙ୍କା ବୃଦ୍ଧି ପାଇଛି । ଦାରିଙ୍ଗବାଡ଼ି ବ୍ଲକ ର ବିଭିନ୍ନ ଗ୍ରାମ ସିମନବାଡ଼ି କିରିକୁଟି ତିଲୋରୀ ବୁଢ଼ାଗୁଡା ବାଡ଼ା ବାଙ୍ଗା ଆଦି ଅଂଚଳରେ ବ୍ୟବସାୟୀ ମାନେ ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ କୁ ଆଳ କରି ଖାଇବା ତେଲ ପ୍ରିଣ୍ଟ ମୂଲ୍ୟ ଠାରୁ ଅଧିକା ଦାମ ରେ ବିକ୍ରି କରୁଛନ୍ତି । ଫ୍ରିଡମ ତେଲ ଅଧା ଲିଟର ବୋତଲ ର ପ୍ରିଣ୍ଟ ଦର ୭୮ଟଙ୍କା ରହିଥିବା ବେଳେ କିଛି ଦିନ ପୂର୍ବରୁ ତାହାକୁ୬୫ଟଙ୍କାରେ ବିକ୍ରି କରାଯାଉଥିଲା । କିନ୍ତୁ ବର୍ତମାନ ଉକ୍ତ ବୋତଲ ଟିକୁ ୧୧୦ଟଙ୍କା ରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି । ଯୁଦ୍ଧ କୁ ୨୫ଦିନ ଚାଲିଥିବା ବେଳେ ବ୍ୟବସାୟୀ ମାନେ ନଭେମ୍ବର ଓ ଡିସେମ୍ବର ମାସର ପ୍ୟାକିଙ୍ଗ ତେଲ ଗୁଡିକୁ ଉଚ୍ଚ ଦରରେ ବିକ୍ରି କରି ଖାଉଟିଙ୍କୁ ଶୋଷଣ କରୁଛନ୍ତି । କେବଳ ସେତିକି ନୁହେଁ ମାଲିକମାନେ ନଭେମ୍ବର ଓ ଡିସେମ୍ବର ମାସରେ ଆଣିଥିବା ତେଲକୁ ଲୁଚାଇ ମହଜୁଦ କରି ରଖୁଛନ୍ତି । ଯାହା ଦ୍ୱାରା ବଜାରରେ ତେଲର କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚଢ଼ା ଦରରେ ତେଲ ବିକ୍ରି କରୁଛନ୍ତି । ଏନେଇ ଦାରିଙ୍ଗବାଡ଼ି ବ୍ଲକ ଯୋଗାଣ ଅଧିକାରୀ ନିହାର ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ଯୁଦ୍ଧ ଯୋଗୁଁ ତେଲ ଦର ବୃଦ୍ଧି ଘଟିଛି କିନ୍ତୁ କୌଣସି ଦୋକାନୀ ପ୍ରିଣ୍ଟ ମୂଲ୍ୟ ଠାରୁ ଅଧିକ ଦରରେ ତେଲ ବିକ୍ରି କରିପାରିବେ ନାହିଁ ଯଦି କୌଣସି ବ୍ୟବସାୟୀ ଏହିଭଳି ଅଧିକ ଦର ରେ ବିକ୍ରି କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ୪୦ ପ୍ରତିଶତ ପୁରୁଷ ନପୁଂସକତା ପ୍ରତି ସଚେତନ ନୁହନ୍ତି



ସମସ୍ତ ପରୀକ୍ଷଣ ଠିକ୍ ହେବାପରେ ମଧ୍ୟ ଅନେକ ଦମ୍ପତି ପକ୍ଷେ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବା କଷ୍ଟକର ହୋଇଥାଏ । ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିଙ୍କଠାରେ ପୁରୁଷଙ୍କ ପ୍ରଜନନତା ହେଉଛି ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ, ଯାହା ସବୁବେଳେ ନଜରକୁ ଆସିଥାଏ । ଶୁକ୍ରାଣୁର ଗୁଣବତ୍ତା ଓ ପରିମାଣ ଗର୍ଭଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେହିପରି ପୁରୁଷଙ୍କ ପ୍ରଜନନତା ନିଷ୍ପତ୍ତିମୂଳକ କାରଣ ମଧ୍ୟ ହୋଇଥାଏ । ଏହି ସମ୍ଭାବନାଗୁଡ଼ିକ ୧୦ଟି ଫୋଲ୍ଡରେ ଗ୍ରହଣ ହୋଇନଥାଏ ଓ ବହିର୍ଗତ ହୋଇଥିବା ଶୁକ୍ରାଣୁର ପରିମାଣ କମ୍ ଓ ନିମ୍ନମାନର ହୋଇଥିଲେ ଅବା ସମୟେ ସମୟେ ଏହା ଅଧିକ ମଧ୍ୟ ହୋଇଥାଏ ।

**ନପୁଂସକତା କାରଣ କ'ଣ ?**

ପୁରୁଷମାନଙ୍କ କ୍ଷେତ୍ରରେ ନପୁଂସକତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ବା ନିମ୍ନମାନର ଶୁକ୍ରାଣୁ ନିର୍ଗମନ ଯୋଗୁ ହୋଇଥାଏ । ପୁରୁଷମାନଙ୍କଠାରେ ଶୁକ୍ରାଣୁ ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମ ଫ୍ଲୁଇଡମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବାଧା ଦେଇଥାଏ । କମ୍ ପରିମାଣର ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ । ଏପରିକି ନିର୍ଗତ ହୋଇଥିବା ଶୁକ୍ରାଣୁର ଗୁଣବତ୍ତା ଓ ଏହାର ଆକୃତି ଖାଲି ଆଖିକୁ ଠିକ୍‌ଭାବେ ଦେଖାଯାଇନଥାଏ । ତେଣୁ ସମ୍ଭାବ୍ୟ କାରଣ ପାଇଁ ଶୁକ୍ରାଣୁର ଡାକ୍ତରୀ ପରୀକ୍ଷଣ ଆବଶ୍ୟକ ।

ପୁରୁଷ ନପୁଂସକତାର ତିନୋଟି ମୁଖ୍ୟ କାରଣ ହେଉଛି- ଓଲିଗୋଜୁସ୍ପର୍ମିଆ (କମ୍ ପରିମାଣର ଶୁକ୍ର), ଟେରାଟୋଜୁସ୍ପର୍ମି (ଶୁକ୍ରର ଅସାଧାରଣ ଆକାର) ଏବଂ ଶୁକ୍ରାଣୁ ସ୍ଥାନାନ୍ତରଣ ସମସ୍ୟା । ଶୁକ୍ର ସ୍ଥାନାନ୍ତରଣ ସମସ୍ୟା ପାଖାପାଖି ୨୦ ପ୍ରତିଶତ ପୁରୁଷଙ୍କ ନପୁଂସକତା କାରଣ ହୋଇଥାଏ । ଶୁକ୍ର ସ୍ଥାନାନ୍ତରଣ ସମସ୍ୟାଜନିତ ଜଟିଳତା ଶୁକ୍ରାଣୁର ଘନତ୍ୱ କମ୍‌ର କାରଣ ହୋଇଥାଏ ଏବଂ ଏଥିଯୋଗୁଁ ଶୁକ୍ରାଣୁ ମହିଳାଙ୍କ ତଳିପେଟରେ ସୁରକ୍ଷିତ ଭାବରେ ଯିବାକୁ ସକ୍ଷମ ହୋଇନଥାନ୍ତି । ୨୦୧୫-୨୦୧୭ ମଧ୍ୟରେ ହୋଇଥିବା ସର୍ବେକ୍ଷଣ ଅନୁସାରେ, ଏହାକୁ ଅନୁଧ୍ୟାନ କରାଯାଇଥିଲା ଯେ, ଆଇଭିଏଫ୍ ପଦ୍ଧତି ଲୋଡ଼ୁଥିବା ଦମ୍ପତିମାନଙ୍କ ମଧ୍ୟରେ, ୪୦ ପ୍ରତିଶତ ମହିଳା ବନ୍ଧ୍ୟାଙ୍କ କାରଣରୁ ହୋଇଥିଲା । ପ୍ରତି ୫ଜଣରେ ଜଣେ ପୁରୁଷଙ୍କ ଶୁକ୍ରାଣୁ ସ୍ଥାନାନ୍ତରରେ ସମସ୍ୟା ଥିଲା । ଏହି ସର୍ବେକ୍ଷଣ ଭାସେକ୍ଟୋମି ପଦ୍ଧତି କରାଇଥିବା ପୁରୁଷମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା ।

ଶୁକ୍ରାଣୁ ଟେଷ୍ଟିସ୍‌ମାନଙ୍କ ଦ୍ୱାରା ଉତ୍ପନ୍ନ ହୋଇଥାଏ ଏବଂ ଏହା ପରିପକ୍ୱ ହେବା ପାଇଁ ୭୨ଦିନ ସମୟ ନେଇଥାଏ । ଏହି ପରିପକ୍ୱ ଶୁକ୍ର ମୋଟିଲିଟି ଗ୍ରହଣ କରିବା ପାଇଁ ଟେଷ୍ଟିସ୍‌ରୁ ଏପିଡିଡାଇମିସ୍‌କୁ ଯାଇଥାଏ ଏବଂ ସେଥିପାଇଁ ଏହା ୧୦ ଦିନ ପରେ ପରବର୍ତ୍ତୀ ଅର୍ଗାଜିମ୍ କରିବାକୁ ପ୍ରସ୍ତୁତ ହୋଇଥାଏ ।



କିନ୍ତୁ ନଳୀରେ ଥିବା କିଛି ପ୍ରତିରୋଧକ ନିର୍ଗମନ ଶୁକ୍ରରସରେ ଶୁକ୍ରାଣୁ ଅଭାବର କାରଣ ହୋଇଥାଏ ।

**ଶୁକ୍ରାଣୁର ଗତିକୁ କ'ଣ ପ୍ରଭାବିତ କରେ ?**

**ନିମ୍ନମାନର ଶୁକ୍ର କ୍ଷରଣ ହେବାର ପ୍ରମୁଖ କାରଣ :**

ନିର୍ଗମନର ପଶ୍ଚାତଗାମୀ- ଯୌନକ୍ରିୟା ସମୟରେ ପୁରୁଷର ମୁତ୍ରାଶୟ ବନ୍ଦ ହୋଇପାରିନଥାଏ, ଯାହାଫଳରେ ଶୁକ୍ରରସ ଲିଙ୍ଗଦ୍ୱାରା ନିର୍ଗମନ ନହୋଇ ମୁତ୍ରାଶୟ ମଧ୍ୟକୁ ଫେରିଯାଇଥାଏ । ଏହା ସ୍ନାୟୁ ବ୍ୟବସ୍ଥାରେ ରୋଗ, ଚିକିତ୍ସା କିମ୍ବା ଆଗୁଆ ଅସ୍ତ୍ରୋପଚାର ଯୋଗୁଁ ହୋଇଥାଏ ।

ଭାସେକ୍ଟୋମି ରିଭର୍ସାଲ୍‌ରେ ଅସଫଳ- ଆଜିପର୍ଯ୍ୟନ୍ତ ଭାସେକ୍ଟୋମି ରିଭର୍ସାଲ୍ ପଦ୍ଧତିର ୫୦ ପ୍ରତିଶତ ଅସଫଳ ହୋଇଛି । ଭାସେକ୍ଟୋମି ରିଭର୍ସାଲ୍ ପରେ ଆଣ୍ଟି-ସ୍ପର୍ମ ଆଣ୍ଟବଡି ବିକଶିତ ହୋଇଥାଆନ୍ତି ଓ ଗର୍ଭଧାରଣାରେ ବାଧା ସୃଷ୍ଟି କରନ୍ତି ।

ପ୍ରତିରୋଧ- ପୁରୁଷର ଟେଷ୍ଟିସ୍‌ରେ ଥିବା ଶୁକ୍ର ଉତ୍ପାଦନ, ଶୁକ୍ର କ୍ଷରଣ ଓ ସଂରକ୍ଷଣ ସହ ଜଡ଼ିତ ବ୍ୟବସ୍ଥାମାନଙ୍କୁ ଶୁକ୍ର ସଂରକ୍ଷଣ ଓ ସେଗୁଡ଼ିକୁ ମୁତ୍ରନଳୀକୁ ସ୍ଥାନାନ୍ତର କରିବାକୁ ହୋଇଥାଏ । ଅସ୍ତ୍ରୋପଚାର, ସଂକ୍ରମଣ ଓ ବଂଶାନୁକ୍ରମିକ ରୋଗ ଶୁକ୍ର କ୍ଷରଣକୁ ରୋକିପାରେ । କିଛି ପୁରୁଷ ଜନ୍ମରୁ ଡକ୍ଟଗୁଡ଼ିକୁ ବନ୍ଦ କରିଥାଆନ୍ତି କିମ୍ବା ନଳୀଗୁଡ଼ିକୁ ହରାଇଥାଆନ୍ତି । ତେଣୁ ଲିଙ୍ଗ ମଧ୍ୟରେ ଥିବା ମୂତ୍ରନଳୀର ବହିର୍ଗମନ ପଥ ମଧ୍ୟ ନିମ୍ନ ଶୁକ୍ର କ୍ଷରଣ କାରଣ ହୋଇଥାଏ । **ଇରେକ୍ଟାଇଲ୍ ଡିସ୍‌ଫଙ୍କସନ୍:** ଯୌନ ସମସ୍ୟା, ଯେପରିକି ପରିପକ୍ୱ ନିର୍ଗମନ ଓ ଇରେକ୍ଟାଇଲ୍ ଡିସ୍‌ଫଙ୍କସନ୍ ଗର୍ଭଧାରଣ ରୋକିଥାଏ । ଦମ୍ପତିମାନେ ମାନସିକ ପରାମର୍ଶ ନେଇପାରିବେ ଏବଂ ଇରେକ୍ସନ୍ ଓ ଯୌନକ୍ରିୟାରେ ହେଉଥିବା ଅସୁବିଧାର କାରଣ ବିଷୟରେ ଅବଗତ ହୋଇପାରିବେ ।

**ଶୁକ୍ର ପରିବହନ ସମସ୍ୟାର ବିଭାଗୀକରଣ :**

ଟେଷ୍ଟିସ୍‌ଠାରୁ ମୂତ୍ରନଳୀକୁ ଶୁକ୍ରଧାରଣ କରିଥିବା ବିଭିନ୍ନ ଡକ୍ଟରେ ଥିବା ବ୍ଲକେଜ୍ ଶୁକ୍ର ପରିବହନରେ ଅସୁବିଧାର କାରଣ ହୋଇପାରେ । ଶୁକ୍ର ପରିବହନରେ ଦେଖାଯାଉଥିବା ଅସୁବିଧା ମଧ୍ୟରେ ଜନ୍ମଗତ ଅସୁବିଧା, ଅର୍ଜନ କରିଥିବା ଅସୁବିଧା ଏବଂ କାର୍ଯ୍ୟକଳାପଜନିତ ଅସୁବିଧା ରହିଛି ।

**ଜନ୍ମଗତ ଅସୁବିଧା-** ଏହା ଏକ ଜନ୍ମଗତ ଅସୁବିଧା ଯାହା ମଧ୍ୟରେ ଅସ୍ୱାଭାବିକ ବୃଦ୍ଧି ରହିଥାଏ ଏବଂ ସ୍ପର୍ମ ଡକ୍ଟ ଅଣଓସାରିଆ ହୋଇଥାଏ । ଏହା ସେମିନାଲ ଭେସିକଲ (ସ୍ପର୍ମ ସଂଗ୍ରହ କରୁଥିବା)ରୁ ସିମେନର ଏବଂ ମୁତ୍ରନଳୀ ମାଧ୍ୟମରେ ଭାସରୁ ଉତ୍ପାଦନ ପରିବହନ କରିବା ପାଇଁ ଅନୁପସ୍ଥିତ ଥାଏ ।

**ଅର୍ଜିତ ପରିସ୍ଥିତି-** ଏହା ପୂର୍ବରୁ ଥିବା ରୋଗ କିମ୍ବା ପ୍ରଜନନ ବ୍ୟବସ୍ଥାରେ ସଂକ୍ରମଣ ପାଇଁ ହୋଇଥାଏ । ଶୁକ୍ର ପରିବହନ ସ୍କାର୍ସ ଦ୍ୱାରା ପ୍ରଭାବିତ ହୋଇଥାଏ ଯାହା ଡକ୍ଟରେ ସ୍ପର୍ମର ରାସ୍ତାକୁ ପ୍ରତିରୋଧ କରୁଥିବା ଇନଫ୍ଲାମେସନ ପାଇଁ ହୋଇଥାଏ । ଯଦି କୌଣସି ରୋଗୀ ପେଟରେ ସର୍ଜରି ତଥା ହାର୍ନିଆ ଇତ୍ୟାଦି ହୋଇଥାଏ, ଯାହାଦ୍ୱାରା ରୋଗୀଙ୍କ ମଧ୍ୟରେ ସ୍ପର୍ମର ଗତି ପ୍ରଭାବିତ ହୋଇଥାଏ ।

**କାର୍ଯ୍ୟକଳାପ ଜନିତ ଅସୁବିଧା-** ସ୍ନାୟୁ ବ୍ୟବସ୍ଥାରେ ଥିବା କିଛି ଅସୁବିଧା ସ୍ପର୍ମ ଗତିର କ୍ଷମତାକୁ ପ୍ରଭାବିତ କରିଥାଏ । ପରିସ୍ଥିତି ତଥା ସ୍ନାୟୁର ଅସୁବିଧା ଦୁର୍ଘଟଣା କିମ୍ବା ସର୍ଜରି ଦ୍ୱାରା ହୋଇଥାଏ, ଯାହା ମେରୁଦଣ୍ଡରେ ଆଘାତ ଯୋଗୁଁ ହୋଇଥାଏ (ମାଂସପେଶୀର ଗତିର ପ୍ରଭାବ ପକାଇଥାଏ) ସ୍ପର୍ମର ପରିବହନରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଆଣ୍ଟି-ଡିସ୍ପରା ମେଡିସିନଗୁଡ଼ିକ ସ୍ନାୟୁ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ ।

**ଆସିସ୍‌ଟେଡ ପ୍ରଜନନ :**

ବିଭିନ୍ନ କୌଶଳ ମଧ୍ୟରେ ଇନ ଭିଟ୍ରୋ ଫର୍ଟିଲାଇଜେସନ (ଆଇଭିଏଫ୍) ଏବଂ ଇନଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇନଜେକସନ (ଆଇସିଏସ୍‌ଆଇ) ସ୍ପର୍ମ ରିଟ୍ରାଇଭାଲ ପାଇଁ ରହିଛି, ଯାହା ମଧ୍ୟରେ ପରକ୍ୟୁଟାନିଅସ ଏପିଡିଡାଇମାଲ ସ୍ପର୍ମ ଆସ୍ପିରେସନ, ସ୍ପର୍ମ ଆସ୍ପିରେସନ, ମାଇକ୍ରୋସର୍ଜିକାଲ ଇପିଡିଡାଇମାଲ ସ୍ପର୍ମ ଆସ୍ପିରେସନ ଏବଂ ଓପନ୍ ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ ରହିଛି । ଉପଯୁକ୍ତ ରୋଗୀଙ୍କ ଚୟନ ସହିତ ସମସ୍ତ ପ୍ରକାର କୌଶଳର ଠିକ୍ ଫଳାଫଳ ରହିଛି । ମେଡିକାଲ ବିଜ୍ଞାନ କ୍ଷେତ୍ରରେ ବିକାଶ ସହିତ ଆଇଭିଏଫ୍ କୌଶଳ ଅଧିକ ପ୍ରଚଳିତ ହୋଇଛି । ସର୍ଜିକାଲ ସ୍ପର୍ମ ରିଟ୍ରାଇଭାଲ ଏକ କୌଶଳ ଯାହା ଆଇଭିଏଫ୍ ଏବଂ ଆଇଭିଏଫ୍- ଆଇସିଏସ୍‌ଆଇ ଉଭୟରେ ଆବଶ୍ୟକ କରୁଥିବା ସ୍ପର୍ମ ଯୋଗାଇଥାଏ ।

# ଓଜନ କମାଏ ଛତୁ

ସାଧାରଣତଃ ଛତୁ ନିରାମିଷାଶୀ ବ୍ୟକ୍ତିଙ୍କ ସବୁଠାରୁ ମନପସନ୍ଦ ଖାଦ୍ୟ । ଛତୁ ଖାଇବାକୁ ଯେତିକି ସ୍ୱାଦିଷ୍ଟ, ଶରୀର ପାଇଁ ମଧ୍ୟ ସେତିକି ଭଲ । ଛତୁ କମ୍ କ୍ୟାଲୋରୀ ଯୁକ୍ତ ହେବା ସହ ଏଥିରେ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି । ଏହାକୁ ତରକାରୀ, ସାଲାଡ, ସୁପ ତଥା ସ୍ନାକ୍ସ ଆକାରରେ ଖାଇପାରିବେ । ତେବେ ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କଲେ କ'ଣ ସବୁ ଲାଭ ମିଳେ ଆସନ୍ତୁ ଜାଣିବା ।



♦ ଶରୀର ପାଇଁ ଭିଟାମିନ-ଡି ଅତ୍ୟନ୍ତ ଆବଶ୍ୟକ । ଭିଟାମିନ-ଡି ଅଭାବ ହେଲେ ଅନେକ ରୋଗ ହୋଇପାରେ । ବହୁ କମ ପନିପରିବାରେ ଭିଟାମିନ-ଡି ମିଳେ । ସେଥିମଧ୍ୟରୁ ଗୋଟିଏ ହେଉଛି ଛତୁ । ପ୍ରତିଦିନ ଛତୁ ଖାଇବା ଦ୍ୱାରା ଶରୀରରେ ଆବଶ୍ୟକ ପରିମାଣର ଭିଟାମିନ-ଡି ପୂରଣ ହୋଇଥାଏ ।

♦ ସେଲେନିୟମ ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ । ଏହା ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ପ୍ରତିରକ୍ଷା ପ୍ରଣାଳିକୁ ମଜବୁତ କରେ । ଛତୁରେ ସେଲେନିୟମର ମାତ୍ରା ଭରପୁର ରହିଛି । ଏହା ଶରୀରରକୁ ଭିତରୁ ସୁସ୍ଥ ରଖିବାରେ ସହାଯ୍ୟ କରେ ।

♦ ଛତୁ ଓଜନ କମ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏଥରେ ବେଶ କମ୍ କ୍ୟାଲୋରୀ ରହିଛି । ୫ଟି ଧଳା ଛତୁରେ କେବଳ ୨୦ ପ୍ରତିଶତ କ୍ୟାଲୋରୀ ଥାଏ । ଛତୁ ଖାଇବା ଦ୍ୱାରା ଶୀଘ୍ର ଭୋକ ଲାଗେ ନାହିଁ । ଫଳରେ ଆପେ ଆପେ ଓଜନ କମିବାକୁ ଲାଗିଥାଏ ।

♦ ବଜାରରେ ଖୁବ୍ ସହଜରେ ଛତୁ ମିଳିଯାଏ । ଏହାକୁ ବିଭିନ୍ନ ଉପାୟରେ ରୋଷେଇ କରି ଏଥିରୁ ପୋଷକ ତତ୍ତ୍ୱ ଗ୍ରହଣ କରାଯାଇପାରିବ । ଆପଣ ଚାହିଁଲେ ସୁପ ବା ସାଲାଡ କରି ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କରିପାରିବେ ବୋଲି ପୁଷ୍ଟିକର ବିଶେଷଜ୍ଞମାନେ କୁହନ୍ତି ।

# ଅଧିକ ଆପଲ ଖାଉଛନ୍ତି କି ? ହୋଇପାରେ ବିପଦ

ଫଳ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ସେଓ ବା ଆପଲ୍ ଏଭଳି ଏକ ଫଳ, ଯାହାକୁ ଖାଇବା ଦ୍ୱାରା ଅନେକ ରୋଗ ଭଲ ହୋଇଯାଏ, ବୋଲି ବିଶ୍ୱାସ । ଏଥିରେ ଫାଇଭର, ଭିଟାମିନ୍-ସି ଏବଂ ପୋଟାସିଅମ ସମେତ ଅନେକ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି, ଯାହା ରୋଗଠାରୁ ଆମକୁ ଦୂରେଇ ରଖେ । ତେବେ ଆପଲ ସ୍ୱାସ୍ଥ୍ୟ ପାଇଁ ଲାଭଦାୟୀ ହୋଇଥିବା ସତ୍ତ୍ୱେ ଏହା ବେଳେବେଳେ ବିପଦ ମଧ୍ୟ ସାଜିପାରେ । ଅତ୍ୟଧିକ ଆପଲ ଖାଇବା ହାନିକାରକ ହୋଇଥାଏ । ଜଣେ ବ୍ୟକ୍ତି ଦିନରେ ଗୋଟିଏ କିମ୍ବା ଦୁଇଟିରୁ ଅଧିକ ଆପଲ ଖାଇବା ଉଚିତ ନୁହେଁ । ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ଆପଲ ଖାଉଛନ୍ତି ତେବେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିପାରେ । ଆପଲରେ ଭରପୂର ମାତ୍ରାର ଫାଇଭର ରହିଛି, ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । କିନ୍ତୁ ଯଦି ଶରୀରକୁ ଆବଶ୍ୟକତାଠାରୁ ଅଧିକ ଫାଇଭର ମିଳେ, ତେବେ ଏହା ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ । କୋଷ୍ଠକାଠିନ୍ୟ ମଧ୍ୟ ଦେଖା ଦେଇପାରେ । ଆପଲକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଶରୀରରେ ବ୍ଲଡ ସୁଗାର ମାତ୍ରା ବଢ଼ିବା ସମ୍ଭାବନା ରହିଥାଏ । କାରଣ ଏଥିରେ କାର୍ବୋହାଇଡ୍ରେଡ୍ ଭରପୁର ମାତ୍ରାରେ ରହିଛି ।

# ଡାଇବେଟିସ୍ ନିୟନ୍ତ୍ରଣ କରେ ଫୁଲକୋବି

ଫୁଲ କୋବି ଏକ ଏଭଳି ପରିବା ଯାହାକୁ ସମସ୍ତେ ପସନ୍ଦ କରିଥା'ନ୍ତି । ସମସ୍ତେ ତରକାରୀ କିମ୍ବା ଏଥିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇଥା'ନ୍ତି । ଫୁଲକୋବି ଖାଇବା ପାଇଁ ସୁଆଦିଆ ହେବା ସହ ଏହା ଶରୀର ପାଇଁ ଲାଭଦାୟକ ମଧ୍ୟ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଫୁଲକୋବି ଖାଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ । ଫୁଲକୋବି କମ୍ କ୍ୟାଲୋରୀ ଯୁକ୍ତ ଏବଂ ଏଥିରେ ଭିଟାମିନ ଭରପୁର ମାତ୍ରାରେ ରହିଛି । ଶରୀରକୁ ଆବଶ୍ୟକ ଥିବା ସମସ୍ତ ମିନେରାଲ୍ସ ଏବଂ ଭିଟାମିନ ଏଥିରୁ ମିଳିଯାଏ । ଏକ କପ୍ ଫୁଲକୋବିରେ ୭୭ %ଭିଟାମିନ୍ ସି, ୨୦ % ଭିଟାମିନ୍ କେ, ୧୪ % ଫୋଲେଟ୍, ୯ % ପୋଟାସିୟମ୍ ଏବଂ ୮ %



ମାଙ୍ଗାନିଜ୍ ଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ଏ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି । ଫୁଲକୋବିରେ ଗ୍ଲୁକୋସିନୋଲେଟସ ଏବଂ ଆଇସୋଥିୟୋସାଇନେଟ ଅଛି । ଉଭୟ ଆଣ୍ଟିଅକ୍ସିଡେଣ୍ଟ କ୍ୟାନସର ଭଳି ମାରାତ୍ମକ କୋଷକୁ ବଢ଼ିବାରେ ରୋକିଥାଏ । ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଗ୍ଲୁକୋସିନୋଲେଟ୍ସ ଏବଂ ଆଇସୋଥାଇଓସିଆନେଟ୍ କୋଲନ୍, ଫୁସଫୁସ, ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ଉପରେ ଫୁଲକୋବି ବେଶ ପ୍ରଭାବ ପକାଇଥାଏ । ଫୁଲକୋବିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି । ଏହା ଶରୀରରେ ସୁସ୍ଥ ବ୍ୟାକ୍ଟେରିଆକୁ ବୃଦ୍ଧି କରିଥାଏ ଏବଂ ହଜମ ଶକ୍ତି ବଢ଼ାଇଥାଏ । ଫୁଲକୋବିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବା ଯୋଗୁଁ କୋଷ୍ଠକାଠିନ୍ୟ, ଡାଇଭର୍ଟିକୁଲାଇଟିସ୍ ଭଳି ସମସ୍ୟା ଦୂର ହୋଇଥାଏ । ଫୁଲକୋବିରେ ଭିଟାମିନ-ସି ରହିଛି । ଏହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ । ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଯାହା ଶରୀରକୁ ରୋଗ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ । ଫୁଲକୋବି ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୁଏ । ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥାଏ, ତେଣୁ ଆପଣ ଏହାକୁ ପ୍ରଚୁର ପରିମାଣରେ ଖାଇପାରିବେ । ଫୁଲକୋବିରେ ଫାଇଭର ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଶୀଘ୍ର ଭୋକ ଲାଗି ନଥାଏ । ଏଥିରେ ଜଳୀୟ ପଦାଥ ମଧ୍ୟ ପ୍ରଚୁର ମାତ୍ରାରେ ଅଛି, ଯାହା ଓଜନ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ । ମଧୁମେହ ବା ଡାଇବେଟିସ କଣ୍ଟ୍ରୋଲ କରିବା ସହ କିଡନୀ ରୋଗର ଆଶଙ୍କାକୁ କମ କରିଥାଏ ଫୁଲକୋବି ।

# ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ । କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥଏ ।

# ଶରୀର ନିମନ୍ତେ ଜରୁରୀ ଭିଟାମିନ୍

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ବାହାର କରି ସନ୍ତୁଳିତ ଆହାର ଗ୍ରହଣ କରିବା ମହିଳାଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ସମ୍ଭବ ହୋଇପାରି ନଥାଏ । ମହିଳାମାନେ ଗ୍ରହଣ କରୁଥିବା କେତେକ ଖାଦ୍ୟରେ ପ୍ରଚୁର ଭିଟାମିନ୍ ଥିବାବେଳେ ଆଉ କେତେକରେ ଅଳ୍ପ ପରିମାଣ ଭିଟାମିନ୍ ରହିଥାଏ । ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଆସନ୍ତୁ ଜାଣିବା, କେଉଁ ଖାଦ୍ୟ ମହିଳାଙ୍କୁ ସଂପୂର୍ଣ୍ଣ ଭିଟାମିନ୍



### ଭିଟାମିନ୍ -ଏ

ଭିଟାମିନ୍ -ଏରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ବେଶୀ ପରିମାଣରେ ଥାଏ, ଯାହାର ଆବଶ୍ୟକତା ପ୍ରତ୍ୟେକ ମହିଳାଙ୍କ ପାଇଁ ଦରକାର । ଏହି ଭିଟାମିନ୍ ଦାନ୍ତ, ହାଡ଼, ଟିସ୍ୟୁ ଓ ତ୍ୱଚା ଆଦି ପାଇଁ ଆବଶ୍ୟକ ହୋଇଥାଏ । ଗାଜର, ତରଭୁଜ, ବିଲାତି, କଖାରୁ, ପିଜୁଳି, ବ୍ରକୋଲି, ଅମୃତଭଣ୍ଡା, ପାଳଙ୍ଗ, ଅଣ୍ଡା, କ୍ଷୀର ଓ କଳିଜା ଆଦିରେ ପ୍ରଚୁର ପରିମାଣର ଭିଟାମିନ୍-ଏ ରହିଥାଏ ।

### ଭିଟାମିନ୍-ବି୨

ଏହି ଭିଟାମିନ୍ ଶରୀରର କୋଷିକା ପାଇଁ ବହୁ ପରିମାଣରେ ଆବଶ୍ୟକ ହୋଇଥାଏ । ଏହାର ଅଭାବରେ ମୁହଁ ଏବଂ ଓଠ ଶୁଖିଯାଏ । ଏଥିସହିତ ଏହାର ପ୍ରଭାବ ତ୍ୱଚା, ଆଖି ଏବଂ ରକ୍ତ ଉପରେ ମଧ୍ୟ ପଡ଼ିଥାଏ । ଏହାର ଅଭାବରେ ତ୍ୱଚାରେ ଭାଙ୍ଗ, ଏନିମିଆ (ରକ୍ତହୀନତା), ଆଖି ଭାରି ଲାଗିବା, ନିଦ ନ ହେବା ଆଦି ହୋଇଥାଏ । ଭିଟାମିନ-ବି୨ କ୍ଷୀର ଏବଂ କ୍ଷୀରେ ପ୍ରସ୍ତୁତ ଦହି, ପନିର୍ ଆଦିରେ ଥାଏ । ଏଥିସହିତ କଦଳୀ, ବିନ୍‌ସ ଓ ଅଣ୍ଡା ଆଦିରେ ମଧ୍ୟ ଏହି ଭିଟାମିନ୍ ରହିଥାଏ ।

### ଭିଟାମିନ୍- ବି୬

ମଜଭୁତ୍ ପାଚନ ତନ୍ତ୍ର ପାଇଁ ଭିଟାମିନ୍- ବି୬ ବହୁତ ଜରୁରୀ ହୋଇଥାଏ । ଏହା ଶରୀରରେ ହରମୋନ୍ ଏବଂ ମସ୍ତିଷ୍କ ପାଇଁ ରସାୟନିକ ପଦାର୍ଥ ପ୍ରସ୍ତୁତ କରିଥାଏ । ଏହା ଭୁଲା ରୋଗ, ହୃଦ ରୋଗ ଓ ଅବସାଦ ଆଦିରୁ ଦୂରେଇ ରଖେ । ଶରୀରରେ ରକ୍ତ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରଣ ରଖିଥାଏ । ଏହି ଭିଟାମିନ୍ ଖାଦ୍ୟଶସ୍ୟ, କଦଳୀ, ମାଂସ, ମାଛ, କାଜୁ ଓ କିସମିସ୍ ଆଦିରେ ରହିଥାଏ ।

### ଭିଟାମିନ୍ - ବି୭

ଭିଟାମିନ୍- ବି୭କୁ ବାଓଟିନ୍ ମଧ୍ୟ କୁହାଯାଇଥାଏ । ଏହା କେଶ ପାଇଁ ବହୁତ ଜରୁରୀ ଭିଟାମିନ୍ । ଏହାକୁ ଭିଟାମିନ୍ ଏଚ୍ ମଧ୍ୟ କୁହାଯାଇଥାଏ । ଏହା ରୁକ୍ଷ କେଶକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିଥାଏ । ବାଓଟିନ୍ ଅଭାବରେ କେଶର ତ୍ୱଚା ଶୁଷ୍କ ହେବା ସହ ପରଦା ଉଠିଯାଇଥାଏ । ଫଳରେ କେଶ ମୂଳ କୁଣ୍ଡେଇ ହୋଇଥାଏ । ଏହାର ଅଭାବ ପୂରଣ କରିବା ପାଇଁ ହେଲେ ମାଛ, କନ୍ଦମୂଳ, ବାଦାମ, ଗାଜର, କଦଳୀ, ହଳଦୀଆ ଫଳ, ପତ୍ରଜାତୀୟ ପରିବା, ବ୍ରାଉନ ଚାଉଳ, ଅଣ୍ଡା, ସୋୟାବିନ୍, ଲଙ୍କା, ଦହି ଆଦି ପ୍ରଚୁର ପରିମାଣରେ ସେବନ କରିବା ଆବଶ୍ୟକ ।

### ଭିଟାମିନ୍ - ସି

ଏହା କର୍କଟ ରୋଗକୁ ଏଡ଼ାଇବାରେ ସାହାଯ୍ୟ କରିବା ସହ ଦୃଷ୍ଟିଶକ୍ତିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଏ । ରକ୍ତରେ କୋଲୋଷ୍ଟରଲ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିଥାଏ । ଭିଟାମିନ୍- ସି ଅଭାବରେ ସ୍କର୍ଭି ନାମକ ରୋଗ ହୋଇଥାଏ, ଯାହା ଦ୍ୱାରା ଅଳ୍ପ ପରିଶ୍ରମରେ ଥକ୍କା ଲାଗିବା ସହିତ ମାଂସପେଶୀ ଦୁର୍ବଳ ହୋଇଥାଏ । ସେହିପରି ଆଣ୍ଠୁରେ କଷ୍ଟ ହେବା ସହିତ ମାଢ଼ିରୁ ରକ୍ତ ବାହାରିଥାଏ । ଏଥିପାଇଁ ବ୍ରକୋଲି, ପାଚିଲାଫଳ, ଆଳୁ, ଷ୍ଟ୍ରବେରୀ, କମଳା ଏବଂ ବିଲାତି ଆଦି ଖାଇବା ନିହାତି ଆବଶ୍ୟକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗୁରୁତର ଅପରାଧୀ...

ଅପରାଧକୁ ସମାଜରୁ ଦୂର କରିବା ପାଇଁ ଅପରାଧୀକୁ ଦଣ୍ଡ ଦେବା ଅପରିହାର୍ଯ୍ୟ। ସେଥିପାଇଁ ଗୁରୁତର ଅପରାଧର ଶାସ୍ତି ଭାବରେ ଅଭିଯୁକ୍ତକୁ ପଠାଇ ଦିଆଯାଇଥାଏ କାରାଗାର ବା ଜେଲର ଚାରିକାନ୍ଥ ଭିତରକୁ; ଶୁଣାଇ ଦିଆଯାଇଥାଏ ନିର୍ଦ୍ଦିଷ୍ଟ ଅବଧିର ସଜା ବା ଦଣ୍ଡ, ଯାହା ନ ସରିବା ପର୍ଯ୍ୟନ୍ତ ଅପରାଧୀ ଜେଲରୁ ବାହାରି ପାରେନାହିଁ। ଅର୍ଥାତ ଗୁରୁତର ଅପରାଧ ପାଇଁ ଦଣ୍ଡ ଭାବରେ ଅପରାଧୀକୁ ଜେଲ୍ ଦଣ୍ଡ ଭୋଗିବାକୁ ହୋଇଥାଏ। ପୁଣି ଜେଲ ଦଣ୍ଡ ବାରମ୍ବାର ଅପରାଧ ସଂଘଟିତ କରିବାରୁ ବ୍ୟକ୍ତିକୁ ନିରୁତ୍ସାହିତ କରିଥାଏ ବୋଲି ବିଶ୍ୱାସ କରାଯାଇଥାଏ। ଭାରତରେ କାରାଗାର ବ୍ୟବସ୍ଥା ଉପରୋକ୍ତ ଉଭୟ ଦୃଷ୍ଟିରୁ ବିଫଳ ହେଉଛି ବୋଲି କୁହାଯାଇପାରେ। ତେବେ ଝାଡ଼ଖଣ୍ଡ ସରକାର ଏବେ ଏକ ବନ୍ଦୀ କରିବାର ଏକ ନୂଆ ନମୁନା ବାହାର କରିଛନ୍ତି, ଯାହାକୁ ସମଗ୍ର ଭାରତବର୍ଷ ଶୁଣିବା ଉଚିତ୍। ଏହି ରାଜ୍ୟ ସରକାର ତାଙ୍କର ବନ୍ଦୀମାନଙ୍କୁ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ପ୍ରକାଶ କରିବାକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି-ସେମାନଙ୍କ ଲେଖା ଓ କବିତା ପ୍ରକାଶ କରୁଛନ୍ତି, ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାତ୍ମକ ସାମଗ୍ରୀଗୁଡ଼ିକୁ ସର୍ବସାଧାରଣଙ୍କ ଉପଭୋଗ ନିମନ୍ତେ ବାହାରକୁ ଛାଡୁଛନ୍ତି। ଯେଉଁ ଦେଶରେ କଏଦୀ ବା ବନ୍ଦୀମାନଙ୍କୁ ଅତି ହୀନ ଦୃଷ୍ଟିରେ ଦେଖାଯାଏ ଏବଂ ସେମାନେ ସଜା କାଟି ସାରିଲା ପରେ ମଧ୍ୟ ସମାଜରୁ ବାଛନ୍ଦ ହୋଇଥିବା ଭଳି ବ୍ୟବହାର ପ୍ରଦର୍ଶନ କରାଯାଏ, ସେହି ଦେଶରେ ଝାଡ଼ଖଣ୍ଡ ସରକାର ସେମାନଙ୍କୁ ମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ସହିତ ସାଧାରଣ ମଣିଷଙ୍କ ଭଳି ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରିବା ଅବଶ୍ୟ ପ୍ରଶଂସାର୍ହ। ଯେଉଁ ସରକାରଙ୍କ ଓକିଲମାନେ ସେମାନଙ୍କ ଆଇନ୍ ବଳରେ ଦୋଷୀଙ୍କୁ ଦଣ୍ଡ ଦେବାକୁ କାରାଗାରକୁ ପଠାଉଛନ୍ତି, ସେହି ସରକାର ଏଭଳି ଏକ ପଦକ୍ଷେପ ନେବା ନିଶ୍ଚିତ ଭାବରେ ପ୍ରଭାବଶାଳୀ। ଏହା କେବଳ କଏଦୀମାନଙ୍କ ନିମନ୍ତେ ଏକ ସମ୍ବେଦନଶୀଳ ଏବଂ ଆଧୁନିକ ଆଭିମୁଖ୍ୟ ନୁହେଁ; ପ୍ରକାରାନ୍ତରେ ଝାଡ଼ଖଣ୍ଡ ସରକାରଙ୍କ ଏଭଳି ଏକ ଉଦ୍ୟମ ଖୋଦ୍ ନ୍ୟାୟିକ ବ୍ୟବସ୍ଥାର ହୃଦୟତନ୍ତ୍ରୀକୁ ଛୁଇଁଲା ଭଳି କାର୍ଯ୍ୟଟିଏ। ଭାରତର କାରାଗାରମାନଙ୍କରେ ରହୁଥିବା ମୋଟ କଏଦୀଙ୍କ ଭିତରକୁ ୬୦ ପ୍ରତିଶତରୁ ଅଧିକ ହେଉଛନ୍ତି ବିଚାରାଧୀନ ବନ୍ଦୀ। କୋର୍ଟରେ ସେମାନେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପୂର୍ବରୁ ସେମାନେ ଜେଲ୍‌ର ଚାରିକାନ୍ଥ ଭିତରେ ଅନେକ ବର୍ଷ ବିତାଇ ସାରିଥାନ୍ତି। ଭାରତୀୟ ଆଇନ୍ ଅନୁସାରେ ଆଇନ୍ ଆଖିରେ ଜଣେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ, ସେ ନିରପରାଧୀ; ନିରୀହ। ତା' ସତ୍ତ୍ୱେ ସେମାନେ ଏମିତି ଏକ ବ୍ୟବସ୍ଥାର ଶିକାର ହୋଇଥାନ୍ତି, ଯାହା କଚ୍ଛପ ଗତିରେ ଚାଲୁଥାଏ ଏବଂ କୋର୍ଟଗୁଡ଼ିକରେ ମାମଲାର ସଂଖ୍ୟା ବଢ଼ି ବଢ଼ି ଚାଲିଥାଏ। ଏଭଳି ପରିପ୍ରେକ୍ଷୀରେ ସେମାନଙ୍କୁ ନିଜକୁ ବ୍ୟକ୍ତ କରିବାକୁ ଏବଂ କାରାଗାରର ଚାରିକାନ୍ଥ ବାହାରର ପୃଥିବୀ ସହିତ ଭାବ ବିନିମୟ କରିବାକୁ ସୁଯୋଗ ପ୍ରଦାନ କରିବା ଦେଶର ନ୍ୟାୟିକ ବ୍ୟବସ୍ଥା ପାଇଁ ସର୍ବନିମ୍ନ କାର୍ଯ୍ୟଟିଏ ହେବା ଆବଶ୍ୟକ। ଝାଡ଼ଖଣ୍ଡକୁ ମିଶାଇ ଅନ୍ୟ ସବୁ ରାଜ୍ୟର ସରକାରମାନେ ଏତିକିରେ ସନ୍ତୁଷ୍ଟ ରହିବା ଉଚିତ୍ ନୁହେଁ। ବିଶ୍ୱର ଗୋଟିଏ ପରେ ଗୋଟିଏ ଦେଶ ସେମାନଙ୍କର କାରାଗାରର ନୀତି ନିୟମକୁ ମଝିରେ ମଝିରେ ପରଖି ଦେଖୁଛନ୍ତି; ସେସବୁରେ ସଂସ୍କାର ଆଣୁଛନ୍ତି। ଉଗାଣ୍ଡା, ତାଂଜାନିଆ ଏବଂ କେନିୟା ସେମାନଙ୍କ କାରାଗାରଗୁଡ଼ିକରୁ ଅଧିକ ପରିମାଣରେ କଏଦୀଙ୍କ ସଂଖ୍ୟା ହ୍ରାସ କରିବାକୁ ଯେଉଁମାନେ ଛୋଟ ଛୋଟ ଅପରାଧ କରି ଦୋଷୀ ସାବ୍ୟସ୍ତ ହୋଇଛନ୍ତି,ସେମାନଙ୍କୁ ଜେଲରେ ରହିବା ଅପେକ୍ଷା ସମାଜସେବା କରିବାକୁ ଅନୁମତି ପ୍ରଦାନ କରୁଛନ୍ତି। ଆଉ କେତେକେ ଦେଶ ମଧ୍ୟ ଏହାଠାରୁ ଅଧିକ ଉନ୍ନତ ଧରଣର ସଂସ୍କାର ବ୍ୟବସ୍ଥାକୁ ଆପଣାଉଛନ୍ତି। ବ୍ରାଜିଲର କେତେକ ଜେଲ୍ ସେମାନଙ୍କ କଏଦୀମାନଙ୍କୁ ଖୋଲାରେ ଛାଡ଼ି ଦେଉଛନ୍ତି। କେହି କିନ୍ତୁ କାରାଗାର ଛାଡ଼ି ଯାଉ ନାହାନ୍ତି। ଏକଥା ପଚାରିବାରେ କିଛି ଅସଙ୍ଗତି ନାହିଁ ଯେ କାହିଁକି ସରକାର ଏବଂ ସମାଜଗୁଡ଼ିକ କଏଦୀମାନଙ୍କ ଜୀବନକୁ ସ୍ୱଚ୍ଛନ୍ଦ କରିବାକୁ, ବିଶେଷକରି ଯେଉଁ କଏଦୀମାନେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି, ସେମାନଙ୍କ ପାଇଁ ସମ୍ବଳ ବିନିଯୋଗ କରିବେ କିମ୍ବା ସଂସ୍କାର ଲାଗୁ କରିବେ। କିନ୍ତୁ ଅପରାଧ କମାଇବା ଯଦି ଜେଲଗୁଡ଼ିକର ଲକ୍ଷ୍ୟ ହୋଇଥାଏ, ତା'ହେଲେ ଏଭଳି ପ୍ରଶ୍ନର ଉତ୍ତର ସ୍ପଷ୍ଟ। ଜେଲରୁ ମୁକୁଳିବା ପରେ ୧୦୦ଜଣ ଭାରତୀୟ ଅପରାଧୀଙ୍କ ମଧ୍ୟରୁ ସାତ ଜଣ ନୂଆ ଅପରାଧ ଘଟାଇ ଜେଲକୁ ଫେରିଥାନ୍ତି। ଏହା ସ୍ପଷ୍ଟ ଭାବରେ ସୂଚାଉଛି ଯେ କିଛି ଗୋଟାଏ ଯେଉଁଭଳି ଭାବରେ କାମ କରିବା ଉଚିତ୍, ତାହା ସେହିଭଳି କାମ କରୁନାହିଁ। ତେବେ ସୁସମ୍ବାଦଟି ହେଉଛି, ସଂସ୍କାରମୂଳକ ପଦକ୍ଷେପ ନାଟକୀୟ ଭାବରେ ଏହି ସଂଖ୍ୟାକୁ ବଦଳାଇ ଦେଉଛି।

# ଅର୍ନ୍ତଃଦ୍ୱନ୍ଦ୍ୱରେ କାଶ୍ମୀର ଫାଇଲ୍ସ



**ଡକ୍ଟର ଲକ୍ଷ୍ମଣ ସାହୁ**

ନିକଟରେ ରିଲିଜ୍ ହେଇଛି 'ଦି କାଶ୍ମୀର ଫାଇଲ୍ସ' (The Kashmir Files) ସିନେମା । ସିନେମାଟି ନିଛକ ସତ୍ୟ ଘଟଣା ଉପରେ ଆଧାରିତ । ଏଥିରେ ରହିଛି ଦଳେ କ୍ରୁର, ହିଂସ୍ର ରାକ୍ଷସ କିଭଳି ଦାଦାଗିରି କରି ଲକ୍ଷାଧିକ କାଶ୍ମୀରୀ ପଣ୍ଡିତ ମାନଙ୍କ ଉପରେ ଦମନ ଲୀଳା ଚଳେଇ ତାଙ୍କୁ ନିଜ ଭିଟାମାଟି ଛାଡିବାକୁ ବାଧ କରିଥିଲେ । ଆଶ୍ଚର୍ଯ୍ୟ କଥା ସେମାନଙ୍କୁ ସରକାରୀ କଳଠୁଁ ଆରମ୍ଭ କରି ପ୍ରେସ୍ , ସବୁ କିଛିର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଯୋଗ କରୁନଥିଲେ । ସେତେବେଳେ ପିଡ଼ୀତ ଗୋଷ୍ଠୀଟିର ଦୁଃଖ, ଦୁର୍ଦ୍ଦଶାକୁ କିପରି ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା, ତାର ଏକ ହୃଦୟ ବିଦାରକ ଦୃଶ୍ୟ ସିନେମାରେ ପ୍ରଦର୍ଶିତ ହୋଇଛି । ବିସ୍ମୟ ଲାଗେ ସ୍ୱାଧୀନ ଭାରତରେ ଏଭଳି ଘଟଣା ଘଟିଛି । ଘଟଣାଟି ପୁଣି ଏଇ ନବେ ଦଶକର , ଯାହାକୁ ଏଡ଼େ ଭୟଙ୍କର ବିଭତ୍ସ ଘଟଣା ସବୁକୁ ଲୁଚେଇ, ଚପେଇ କିଭଳି ଗୋପନ ରଖା ଯାଇଥିଲା ତାହାହିଁ ଆଶ୍ଚର୍ଯ୍ୟ ଲାଗେ । ଏହା ଏବେ ସାମାଜିକ ଗଣମାଧ୍ୟମଗୁଡିକ ଦ୍ୱାରା ଲୋକଲୋଚନକୁ ଆସିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସିନେମାଟି ଦେଖିଲା ବେଳେ ସେହି ସବୁ ହୃଦୟ ବିଦାରକ ଘଟଣାଗୁଡ଼ିକ ଦେଖିବାକୁ ମିଳିଥାଏ । ଯେମିତିକି ସ୍ୱାମୀର ରକ୍ତ ଭିଜା ଚାଉଳ ତା' ପତ୍ନୀକୁ ଖୁଆଇବା, ଜୀବନ୍ତ ସ୍ତ୍ରୀ ଲୋକଟିକୁ କାଠ କଟା କରତରେ ଚିରି ଦୁଇ ଫାଳ କରିବା, ପଣ୍ଡିତମାନଙ୍କୁ ସ୍ତ୍ରୀ, ଛୁଆ, ଆତ୍ମୀୟ ସମେତ ଧାଡ଼ିରେ ଠିଆ କରି ଗୁଳି ମାରିବା ଭଳି ଦୃଶ୍ୟ । ନିଜ ଘରର ମହିଳାମାନଙ୍କୁ ଛାଡ଼ି କେବଳ ପୁରୁଷମାନେ କାଶ୍ମୀର ଘାଟି ଛାଡ଼ି ଚାଲି ଯିବାକୁ ଧମକ ଦେବା ତଥା ସେଇ ମହିଳାମାନଙ୍କୁ ସର୍ବ ସମ୍ମୁଖରେ ନିର୍ବସ୍ତ୍ର କରି ଧର୍ଷଣ କରିବା ଭଳି ଜଘନ୍ୟ ଦୃଶ୍ୟ । ଟ୍ରକ୍‌ରେ ଘାଟି ଛାଡ଼ି ପଳେଇ ଯିବା ସମୟରେ ଛୋଟ ଝିଅକୁ ପରିସ୍ରା ଲାଗିବାରୁ ବେଡ୍ ସିଟ୍ ଘୋଡ଼େଇ କିଛି ମହିଳା ତାକୁ ପରିସ୍ରା କରିବାକୁ ସାହାଯ୍ୟ କରିବା, ଆଉ ସେ ସମୟରେ ଝିଅଟି ଖୋଲା ଆକାଶକୁ ଚାହିଁ ଶାନ୍ତିରେ ନିଶ୍ୱାସ ନେଉଥିବା ଭଳି କରୁଣ ଦୃଶ୍ୟ । ଭିନ୍ନ ଏକ ଦୃଶ୍ୟରେ ପଣ୍ଡିତ ଓ ତାଙ୍କ ସ୍ତ୍ରୀ ଲୋକଙ୍କୁ ଲୁଚେଇ ରଖିବାରେ ସାହାଯ୍ୟ କରିଥିବା ଜଣେ ଦରଦୀ କବି ଓ ତାଙ୍କ ପୁଅର ଶବକୁ ଗଛରେ ଟଙ୍ଗେଇ ଦିଆ ଯାଇଥିବା ପରଦାର ହୃଦୟଥରା ଦୃଶ୍ୟ ଦେଖି ଛୋଟ ଝିଅର ଚିତ୍କାର କରି ଉଠିବା, ତାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏସବୁ ବ୍ୟତୀତ ଆଉ କିଛି ଦୃଶ୍ୟରେ ଅନୁପମ ଖେର୍ ଙ୍କ ନିଖୁଣ ଅଭିନୟ ଛାତି ଫଟେଇ ଦେଲା ଭଳି ଦୃଶ୍ୟ ରହିଛି ।

ସେ ଦୃଶ୍ୟ ମଧ୍ୟରୁ ଘାଟି ଛାଡ଼ି ପଣ୍ଡିତମାନେ ନିହାତି ଅସ୍ୱାସ୍ଥ୍ୟକର ଅବସ୍ଥାରେ ରିଫ୍ୟୁଜ୍ କ୍ୟାମ୍ପ (refugee camp) ରେ ରହୁଥିଲା ବେଳେ ଗୋଟେ ବେଳା ଅଧାପନ୍ତରିଆ ଖାଇବା ଖାଇ ନିଜ ପରିବାର ପାଇଁ ଅବଶିଷ୍ଟ ଖାଦ୍ୟ ସଞ୍ଚିବା ଓ ଅନ୍ୟ ବେଳାଟି 'ଭୋକ ନାହିଁ' କହି ଉପାସ ରହୁଥିବା ଜେଜେବାପାଙ୍କ ଲୋତକ ଭରା ଦୃଶ୍ୟ ବିଚଳିତ କରେ । ନିଜ ନାତିର ପାଠ ପଢ଼ା ବେଳେ ତାଙ୍କ ନିଜ ଘୁଙ୍ଗୁଡ଼ି ଶବ୍ଦରେ ବ୍ୟାଘାତ (disturb) ନ ହେଉ ବୋଲି, ଆଖିକୁ ଦିଶୁ ନଥିଲେ ମଧ ରାତିର ଅନ୍ଧାରରେ ସାପ, କଙ୍କଡ଼ା ବିଛା ବୁଲୁଥିବା ଖୋଲା ଆକାଶ ତଳେ ଟେଣ୍ଟ ବାହାରେ ଯାଇ ଶୋଇବାର ଦୃଶ୍ୟ । ପୁନର୍ବାର ପାଖ କ୍ୟାମ୍ପରେ ଆଉ ଗୋଟେ ପରିବାରର ରୋଗୀଣା ବୃଦ୍ଧା ଜଣେ ବାରମ୍ବାର କାଶିବା ଶବ୍ଦ , ପେଟର ଭୋକ ଦାଉରୁ ଥରିଲା ହାତରେ ବିସ୍କୁଟ ଗୋଟିକୁ ପାଟି ପାଖରୁ ଫେରେଇ ଆଣୁଛନ୍ତି କାନ୍ଦି କାନ୍ଦି, ସେଇଟିକୁ ଖାଇ ନ ପାରିବା ଭଳି ଦୁଃଖଦ ଦୃଶ୍ୟ । ନେପଥ୍ୟ (Background) ରେ ବାଜୁଛି ଘର ଛାଡ଼ି କିଏ ଜଣେ ଦୁଃଖରେ କାନ୍ଦୁଥିବା ଏକ କରୁଣ ଲୋକଗୀତ, ଆଉ ସେଭଳି ଏକ ଅବସ୍ଥାରେ ହଠାତ୍ ସାପ କାମୁଡ଼ାରେ ବୃଦ୍ଧା ଜଣଙ୍କର ମୃତ୍ୟୁରେ ପରିବାରର ଲୋକଙ୍କ ବିକଳ କାନ୍ଦଣାର ହୃଦୟ ବିଦାରକ ଦୃଶ୍ୟ । ଆଉ ଜଣେ ବୃଦ୍ଧ ଜଣଙ୍କ ଜୀବନ ସାରା ନିଜ ଘରକୁ ଫେରିବାର ସ୍ୱପ୍ନ ଦେଖି ଦେଖି, ନିଜ ହକ୍ ପାଇଁ ସରକାରଙ୍କୁ ଚିଠି ଲେଖି ଲେଖି, ଧାରା ୩୭୦ ହଟେଇବାକୁ ଧାରଣା ଦେଇ ଦେଇ, ମରି ଯାଉଥିବା ସମୟରେ ନିଜ ଅସ୍ଥିକୁ ନେଇ ନିଜ ଘର ଅଗଣାରେ ବିଞ୍ଚି ଦେବାକୁ ପରିବାରର ଏକମାତ୍ର ଜୀବିତ ଥିବା ନିଜ ନାତିକୁ ଅନୁରୋଧ କରିବାର ସେଭଳି ହତଚକିତ ଦୃଶ୍ୟ... ଭଗବାନ ଏମିତି ଦଣ୍ଡ ଶତ୍ରୁକୁ ମଧ ନଦିଅନ୍ତୁ ।

ବାସ୍ତବରେ କହିବାକୁ ହେବ ଯେ କୌଣସି ଛୋଟ ପିଲାଙ୍କୁ ଏତେ ଭୟଙ୍କର ଦୃଶ୍ୟ ଦେଖିବାକୁ ଦିଆଯିବା ଠିକ୍ ନୁହେଁ, କାରଣ ତା' କଅଁଳ ମନରେ କି ପ୍ରକାର ପ୍ରଭାବ ପକାଇବ, ତାହା ଚିନ୍ତା କରି ହେଉନି ! ତଥାପି ସିନେମାଟି ସାମାଜିକ କ୍ଷେତ୍ରରେ ମାନବିକ ଶିକ୍ଷା ଦେଇଛି । ଯେମିତି ଜେଜେବାପା ଫ୍ରି ଆଇ ଚେକପ କାମ୍ପରେ (free eye checkup camp) ରେ ଆଖି ଦେଖେଇବା ସମୟରେ ଡାକ୍ତର ଯେତେବେଳେ କହୁଛନ୍ତି ଚେକ୍‌ଅପ ସିନା ମାଗଣା , କିନ୍ତୁ ସର୍ଜରୀ (surgery) ଓ ଦାମୀ ଲେନ୍ସ ପାଇଁ ଟଙ୍କା ଦେବାକୁ ପଡ଼ିବ, ସେ ଡାକ୍ତରଙ୍କୁ କହୁଛନ୍ତି ଶସ୍ତାବାଲା ଲେନ୍ସ ଲଗେଇ ସର୍ଜରୀ କରିବାକୁ, କାରଣ ତାଙ୍କ ଆଖିକୁ ଦେଖାଯିବା ଠାରୁ ବେଶୀ ତାଙ୍କ ନାତିର ପାଠପଢ଼ା ନିହାତି ଜରୁରୀ । କାରଣ ତାଙ୍କ ଭାଷାରେ ଉତ୍ତମ ଶିକ୍ଷା ଦାନ ସମାଜ ପାଇଁ ଅପରିହାର୍ଯ୍ୟ । କିନ୍ତୁ ତ୍ରୁଟି ପୂର୍ଣ୍ଣ ଶିକ୍ଷା ସମାଜ ପାଇଁ ସାଂଘାତିକ ବିପଦ ଆଣିଦିଏ । ଯାହାକୁ ପ୍ରତ୍ୟକ୍ଷ ଭାବେ କୁହାନଯାଇ ପରୋକ୍ଷରେ କୁହାଯାଇଛି ।

ଏବେ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ ବାସ୍ତବରେ କାଶ୍ମୀରୀ ଫାଇଲ୍ସ ସିନେମାଟି କାଶ୍ମୀର ପଣ୍ଡିତଙ୍କ ହତ୍ୟା ଏବଂ ଦେଶରେ ସେମାନଙ୍କ ଯନ୍ତ୍ରଣା ବିଷୟରେ ପ୍ରଦର୍ଶିତ । ଏଥିରେ ନିଛକ ସତ୍ୟ ଘଟଣାବଳୀ ପ୍ରସଙ୍ଗକୁ ଅତି ତୀକ୍ଷ୍ଣ ଓ ଜୋରଦାର ଭାବରେ ଆଲୋକପାତ କରିବା କାର୍ଯ୍ୟ କରିଛି। ପ୍ରାୟ ୧୯୮୯-୯୯ ମସିହାରେ ଜାମ୍ମୁ କାଶ୍ମୀରରେ ରହୁଥିବା ଲକ୍ଷ ଲକ୍ଷ କାଶ୍ମୀରୀ ହିନ୍ଦୁଙ୍କୁ ଆତଙ୍କ ଯୋଗୁଁ ସେମାନଙ୍କୁ ନିଜ ଦେଶ ଛାଡିବାକୁ ପଡିଲା । ସେତେବେଳେ ବହୁ ସଂଖ୍ୟକ ପଣ୍ଡିତଙ୍କୁ ମଧ ହତ୍ୟା କରାଯାଇଥିଲା। କିନ୍ତୁ କେନ୍ଦ୍ରରୁ ରାଜ୍ୟ ପର୍ଯ୍ୟନ୍ତ ତତ୍କାଳୀନ ସରକାର ଏହି ଦୁଃଖଦ ଘଟଣାର ମୂକ ଦର୍ଶକ ହୋଇ ରହିଥିଲେ । ସେତେବେଳେ ପୀଡିତଙ୍କ ସୁରକ୍ଷା ପାଇଁ କୌଣସି ଠୋସ୍ ପଦକ୍ଷେପ ମୂଳକ କାର୍ଯ୍ୟ କରିନଥିଲେ, ସେଭଳି କିଛି ଆଖିଦୃଶିଆ ବିକଳ୍ପ ପନ୍ଥା ନେଇନଥିଲେ। ପରବର୍ତ୍ତୀ ସମୟରେ ମଧ ସେଗୁଡିକର ପୁନରୁଦ୍ଧାର ପାଇଁ କୌଣସି ପ୍ରୟାସ କରାଯାଇ ନଥିଲା ।

(କ୍ରମଶଃ)

# ନୈତିକ ମୂଲ୍ୟବୋଧ ଓ ଜ୍ଞାନ

**ପଙ୍କଜ କୁମାର ପାଣିଗ୍ରାହୀ**

ସାମାଜିକ ସୁପରିଚାଳନା ତଥା ସବୁ ବର୍ଗର ମଣିଷଙ୍କୁ ସମାନ୍ତରାଳ କରି ବଂଚିବା ଶିକ୍ଷା ଦିଆଯିବା ସହିତ ସେମାନଙ୍କ ଜୀବନକୁ ଆନନ୍ଦମୟ କରିବା ଲକ୍ଷ ରଖି କେତେକ ସାର୍ବଜନୀନ ନୀତି ପ୍ରଚଳନ କରାଯିବା ଲକ୍ଷ ରହିଥାଏ ସଭ୍ୟ ମଣିଷ ସମାଜରେ । ସେହି ନୀତି ଗୁଡିକୁ ସମସ୍ତେ ସମାନ ମାନ୍ୟତା ଦେବା ସହିତ ନିଜ ପରିବେଷ୍ଟନୀରେ ସଂଯୋଜିତ କରି ବଂଚିବା ଶିକ୍ଷା କରିଥା'ନ୍ତି । ସେହି ନୀତି ଗୁଡିକୁ ଅନୁକରଣ, ଅନୁସରଣ କରିବା ଏବଂ ତାହାର ମୂଲ୍ୟବୋଧ କରି ନିଜର ନୈତିକ ଜ୍ଞାନ ଜାଗ୍ରତ କରିବା ଜଣେ ସଭ୍ୟ ସମାଜର ସଦସ୍ୟଙ୍କ ସର୍ବାଦୌ କର୍ତ୍ତବ୍ୟ ଅଟେ । ସମାଜରେ ପ୍ରଚଳିତ ନୈତିକତାର ମୂଲ୍ୟବୋଧ କରି ନିଜସ୍ୱ ଜ୍ଞାନ ଆହରଣ ମଣିଷର ବ୍ୟକ୍ତିତ୍ୱ ବୃଦ୍ଧି କରିବା ସହିତ ସାମାଜିକ ସମ୍ମାନ ପ୍ରଦାନ କରିଥାଏ । ନୈତିକ ଜ୍ଞାନ ରହିତ ମଣିଷ ଅନେକ କୁକର୍ମ କରିଥା'ନ୍ତି ଯାହା ସେମାନଙ୍କୁ ପ୍ରତ୍ୟକ୍ଷରେ, ପରୋକ୍ଷରେ ନିମ୍ନଗାମୀ କରିଥାଏ । ଚିରାଚରିତ ନୈତିକ ଜ୍ଞାନ ତଥା ସମାଜର ନୀତି ଗୁଡିକୁ ପ୍ରତ୍ୟାଖ୍ୟାନ କରି ସମୟ ସାପେକ୍ଷ ସ୍ୱାର୍ଥ, ନୀତି ଅବଲମ୍ବନ କରୁଥିବା ମଣିଷ କ୍ଷଣ, କ୍ଷୀଣ ସୁଖ ଲାଭ କରିବାରେ ସମର୍ଥ ହେଉଥିଲେ ମଧ ବାସ୍ତବ ତଥା ପ୍ରାକୃତିକ ଜ୍ଞାନରୁ ବଂଚିତ ହୋଇଥା'ନ୍ତି । ସମୟ ସାପେକ୍ଷ ସ୍ୱାର୍ଥ ନୀତି ଗୁଡିକୁ ପ୍ରତ୍ୟାଖ୍ୟାନ କଲେ ସମାଜରେ ତାଳଦେଇ ବଂଚିବା ଅସମ୍ଭବ ବୋଲି ଏକ ଭ୍ରାନ୍ତିକର ଧାରଣା ମଣିଷର ସାଧାରଣ ଚେତନା ଜ୍ଞାନକୁ ସଂକୁଚିତ କରିଥାଏ । ନିଜସ୍ୱ ସାଧାରଣ ଜ୍ଞାନକୁ ଉପଯୋଗ କରି ନୈତିକ ମୂଲ୍ୟବୋଧ, ଜ୍ଞାନ ଆହରଣ କଲେ ପ୍ରଚଳିତ ସମୟର କେତେକ ବାଧା ବିଘ୍ନକୁ ସାମ୍ନା କରିବାକୁ ପଡିଲେ ମଧ ବାସ୍ତବ, ପ୍ରାକୃତିକ ଆନନ୍ଦ ମିଳିବା ନିଶ୍ଚିତ ଯାହା କେହି କରୁନଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ ପାଖରେ ।

ନୈତିକ ଜ୍ଞାନ ମଣିଷର ଜୀବନ ଯାତ୍ରା ତଥା ଦୈନନ୍ଦିନ ମାନସିକ ସନ୍ତୁଳନକୁ ସ୍ଥିର ରଖିବା ସହିତ ଅନେକ ଅଜ୍ଞାତ କ୍ଲେଷରୁ ମୁକ୍ତି ଦେଇଥାଏ ଯାହା ପ୍ରାୟତଃ କାହାର ଧାରଣାରେ ନଥିବା ଲକ୍ଷ କରାଯାଉ ଅଛି । ନୈତିକତା ମଣିଷକୁ ମଣିଷ ଭଳି ଗଢି ତୋଳିବା ସହିତ ପରିପାର୍ଶ୍ୱିକ ସମ୍ମାନ ତଥା ମାନସିକ ଶାନ୍ତି ପ୍ରଦାନ କରିଥାଏ । ଅନୈତିକ କାର୍ଯ୍ୟ ଦ୍ୱାରା କ୍ଷଣ, କ୍ଷୀଣ ସୁଖ ପ୍ରାପ୍ତି ହୁଏ ଯାହା ନିଶ୍ଚିତ ଭାବେ ପରୋକ୍ଷରେ ଅନେକ ଯନ୍ତ୍ରଣାଦାୟୀ ହୋଇଥାଏ । ସେହି ଯନ୍ତ୍ରଣା ଗୁଡିକୁ ଉପଶମ କରିବା ପାଇଁ ବିଭିନ୍ନ ଉପଚାର ଜ୍ଞାତରେ, ଅଜ୍ଞାତରେ କରିଥାଏ ମଣିଷ ଯାହା ବର୍ଜନୀୟ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ନୈତିକତା କହିଲେ ଭ୍ରଷ୍ଟାଚାର, ମିଥ୍ୟା ଏବଂ କ୍ରୁରତାକୁ ହିଁ ଉପଲବ୍ଧ କରୁଛନ୍ତି ଯାହା କେତେକ ଅଜ୍ଞାନ ସ୍ୱାର୍ଥବାଦୀଙ୍କ ଷଡ଼ଯନ୍ତ୍ରର ପ୍ରତିଫଳନ ଦେଖିବାକୁ ମିଳୁଛି ଆଜିର ଏହି ଅଶାନ୍ତ ପରିବେଶରେ । ପରିବେଶକୁ ଅଶାନ୍ତ କରିବା ସହିତ ସାଧାରଣ ମଣିଷ ମାନଙ୍କୁ ଅସ୍ଥିର, ଅଶାନ୍ତ ମଧରେ ରଖି ସ୍ୱାର୍ଥବାଦୀ, ଭ୍ରଷ୍ଟାଚାରୀ ଯଥେଷ୍ଟ ସ୍ୱାର୍ଥ ହାସଲ କରୁଥିବା ବେଳେ ସାଧାରଣ ମଣିଷ ଗୁଡିକ ସେସବୁକୁ ବୁଝିନପାରି ନିଜକୁ ସମାନ୍ତରାଳ କରି ବଂଚୁଥିବା ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ । ନୈତିକ ମୂଲ୍ୟବୋଧ ଏକ ବ୍ୟାପ୍ତ ପରିସର ଯାହାକୁ ସଂକ୍ଷିପ୍ତରେ ବୁଝିବା ସହଜ ନୁହେଁ ! ଏବଂ ସେହି ନୈତିକ ମୂଲ୍ୟବୋଧ ଜନିତ ପ୍ରକୃଷ୍ଟ ଜ୍ଞାନ ଅର୍ଜନ କରାଗଲେ ତାକୁ ବ୍ୟବହାର କରି ନିଜ ଜୀବନ ଶୈଳୀକୁ ସରଳ ସୁନ୍ଦର ଶାନ୍ତମୟ କରିବା ଅତ୍ୟନ୍ତ ସହଜ ସାପେକ୍ଷ ହୋଇଥିଲେ ମଧ ପରିବେଷ୍ଟନୀର କ୍ରୁରତା ମଣିଷକୁ ଅହରହ ଅଶାନ୍ତ କରି ରଖିବାରେ ଯଥେଷ୍ଟ ବ୍ୟବହାର କରାଯାଉ ଅଛି । ତେଣୁ ସାଧାରଣ ମଣିଷ ପ୍ରଚଳିତ ସମୟର ଭାବଧାରା ଠାରୁ ନିଜକୁ ଦୁରେଇ ରଖି ନୈତିକ ଜ୍ଞାନ ଆହରଣ କରି ନିଜ ଜୀବନକୁ ସାର୍ଥକ କରିବା ଲକ୍ଷ ରଖିବା ବିଧେୟ ।

ଉପସ୍ଥିତ ସମୟର ଅସ୍ଥିରତା ତଥା ସାମାଜିକ ନୀତି ଗୁଡିକ ବ୍ୟାପକ ଭାବେ କୃତ୍ରିମ / ଛନ୍ଦ ଭରା ହୋଇଥିବା ବେଳେ ମାନବିକ / ନୈତିକ ଜ୍ଞାନଠାରୁ ଯଥେଷ୍ଟ ଦୂରରେ ରହିଥିବା ଆଜିର ମଣିଷ ସମୂହ ନିଜକୁ ସ୍ଥିର କରି ରଖିବା ଶିକ୍ଷା ଦିଗରେ ବ୍ରତୀ ହୋଇ ପାରିଲେ କ୍ରୁର ସ୍ୱାର୍ଥନ୍ୱେଷୀଙ୍କ ଷଡ଼ଯନ୍ତ୍ର ପଣ୍ଡ ହୋଇ ଏକ ସୁନ୍ଦର ସମାଜ ଗଠନ ହୋଇପାରିବ । ସାଧାରଣ ମଣିଷ ଗୁଡିକ ପ୍ରଚଳିତ ସମୟ ସ୍ରୋତରୁ ନିଜକୁ ଦୁରେଇ ରଖି ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରିବା ତଥା ଅନ୍ୟର ପ୍ରରୋଚନାରେ ନିଜକୁ ସମାନ୍ତରାଳ ନକରି କେବଳ ସତ୍ୟର ଅନୁସନ୍ଧାନ କରିବା ନିହାତି ଆବଶ୍ୟକ । ସାମାଜିକ ନୈତିକତାର ମୂଲ୍ୟବୋଧ କାହାର ଅନୁଗ୍ରହୀ ହେଉନଥିବା ବେଳେ ନୈତିକ ଜ୍ଞାନ ବିଷୟରେ ଅବଗତ ମଣିଷଙ୍କ ସଂଖ୍ୟା ୧ରୁ କମ ଦେଖିବାକୁ ମିଳିବେ ଅନୁଧ୍ୟାନ କଲେ । ତେଣୁ ଆଜିର ଏହି ସମାଜରେ ଅନୀତି ଗୁଡ଼ିକୁହିଁ ନୀତି ବୋଲି ବିଚାରୁଥିବା ମଣିଷଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ! ସାମାଜିକ ଭ୍ରଷ୍ଟାଚାର, ଅନୈତିକ କାର୍ଯ୍ୟ ନକଲେ ବଂଚିବା କଷ୍ଟ ବୋଲି ସୃଷ୍ଟି ହେଉଥିବା ମାନସିକ ବିଚାର ଏକ ଦର୍ପଣର ପ୍ରତିବିମ୍ବ ସ୍ୱରୂପ ଦେଖୁଛନ୍ତି ସମସ୍ତେ ! ବାସ୍ତବ ନୈତିକତା ମଣିଷକୁ ଯେତିକି ଆନନ୍ଦରେ ବଂଚିବା ଶିକ୍ଷା ଦେଇପାରିବ, ଆଜିର ଏହି କୃତ୍ରିମ ଅନୀତି ଗୁଡିକ ସେହି ବାସ୍ତବ ସୁଖ ଦେଇ ପାରିବ ନାହିଁ ।

ମଣିଷ ନିଜର ଜୀବନ ଚର୍ଯ୍ୟା ବିଷୟରେ ଅବଗତ ହୋଇ ମାନବିକ ନୀତି ଗୁଡିକୁ ଆପଣେଇ ନିଜ ପରିବାର ତଥା ରାଷ୍ଟ୍ରର ଉନ୍ନତି କରି ପାରିବ । ଅନୈତିକ ବିଚାର, ବ୍ୟକ୍ତିଗତ ପ୍ରତାରଣା ଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ଅବନତି ପର୍ଯ୍ୟନ୍ତ ପ୍ରକୋପ ବିସ୍ତାର କରିଥାଏ । ତେଣୁ ସାମାଜିକ ସାର୍ବଜନୀନ କ୍ଷେତ୍ର ଗୁଡିକରେ ନୈତିକତା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଭାରତୀୟ ସଂସ୍କାର, ସଂସ୍କୃତି ରହିତ ବ୍ରିଟିଶ ସମ୍ବିଧାନରେ ପ୍ରକୃତ ନୈତିକତା ପ୍ରଚଳନ କରିବା ଯଥେଷ୍ଟ କଷ୍ଟକର ବ୍ୟାପାର । ଆମ ଦେଶରେ ଅଦ୍ୟାବଧି ପ୍ରଚଳିତ ବ୍ରିଟିଶ ସାମ୍ବିଧାନିକ ନୀତି ଗୁଡିକରେ କୌଣସି ଭାରତୀୟ ବିଚାରଧାରା ନଥାଇ କେବଳ ମିଥ୍ୟା, ଭ୍ରଷ୍ଟାଚାର ଗୁଡିଏ ଯଥେଷ୍ଟ ମାତ୍ରାରେ ଦେଖିବାକୁ ମିଳିବ । ଏକ ସ୍ୱାର୍ଥନ୍ୱେଷୀ ସମାଜ ପ୍ରସ୍ତୁତ ପୂର୍ବକ ଶାସକ-ଶାସିତ ସମାଜ ଗଠନ ଦିଗରେ ବ୍ରତୀ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥା ହେତୁ ଭାରତୀୟ ନୈତିକତା ଧୀରେ ଧୀରେ ବିଲୁପ୍ତ ହେବାକୁ ଲାଗିଲାଣି । ଆସନ୍ତା ସମୟରେ ଆମର ପର ପିଢ଼ି ନୈତିକତା କହିଲେ କେବଳ ସାମାଜିକ ଭ୍ରଷ୍ଟାଚାର, ଅନ୍ୟାୟ, କ୍ରୁରତାକୁ ହିଁ ବୁଝିବା ଛଡା ଶାନ୍ତ ସରଳ ମନୋଭାବ ପୋଷଣ କରିବା ଅସମ୍ଭବ ହେବ ।

ନିଜ ସହିତ ଅନ୍ୟ କାହାକୁ କୌଣସି ପ୍ରକାର କଷ୍ଟ ନଦେବା ହେଉଛି ଭାରତୀୟ ନୈତିକତା । ମିଷ୍ଟଭାଷୀ ବ୍ୟବହାର ସହିତ ଭ୍ରାତୃଭାବ ସୃଷ୍ଟି କରିବା ତଥା ରାଷ୍ଟ୍ରର ଅଗ୍ରଗତି ଦିଗରେ ନିଜକୁ ପ୍ରେରିତ କରିବା ମଧରେ ପର୍ଯ୍ୟବେସିତ ଭାରତୀୟ ନୈତିକତାର ସୀମା ନାହିଁ । ଭାରତୀୟ ନୈତିକ ବିଚାର ଗୁଡିକ ଅସୀମ ଯେଉଁଥିରେ ମଣିଷକୁ ମଣିଷ ଭଳି ଗଢି ତୋଳିବାର ଲକ୍ଷ ଧାର୍ଯ୍ୟ କରାଯାଇ ଥିଲା । ବୈଦେଶିକ ବିଚାର ଏବଂ ସେମାନଙ୍କ ଅସ୍ଥିର ଭାବ ଆମ ଦେଶର ନୈତିକତାକୁ ନଷ୍ଟ କରି ଏକ ହିଂସାତ୍ମକ ପରିବେଶ ସୃଷ୍ଟି କରିବାରେ କେବଳ ସାମ୍ବିଧାନିକ ଅନାଇ ଗୁଡିକ ଯଥେଷ୍ଟ ଦାୟୀ ହୋଇପାରେ । ସମ୍ବିଧାନ ଆଇନ ବହିର୍ଭୂତ ଭାରତୀୟ ନୈତିକ ସମ୍ମତ କୌଣସି କାର୍ଯ୍ୟଧାରା ତଥା ମାନବୀୟ ବିଚାରଧାରା ଉପରେ କାହାର କୌଣସି ଜ୍ଞାନ, ଆଗ୍ରହ ନଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ । ତେଣୁ ଆମ ଦେଶରେ ଉପସ୍ଥିତ ସମୟରେ ଅନୈତିକତାରେ ଭରପୁର ମଣିଷ ଚରିତ୍ର ଗୁଡିକ ଯଥେଷ୍ଟ ମାତ୍ରାରେ ଦେଖିବାକୁ ମିଳୁଛନ୍ତି । ଆଉ ସେହି ଅନୈତିକ ବିଚାର ଜନିତ ସାମାଜିକ ଭ୍ରଷ୍ଟାଚାର ଗୁଡିକୁ ସମସ୍ତେ ନୀତି ବୋଲି ବିଚାର କରୁଥିବା ଦେଖିବାକୁ ମିଳୁଛି । ଅଧିକନ୍ତୁ ସାଧାରଣ ଭାରତୀୟ ସେହି ଅନୈତିକ ମନୋଭାବ ଗୁଡିକୁ ବର୍ଜନୀୟ ବୋଲି ବିଚାର ରଖି ମଧ ସବୁବେଳେ ଅନୀତି କରୁଥିବା ପଛର ରହସ୍ୟ କିଛି ଭିନ୍ନ । ସେମାନେ ଭାବୁଛନ୍ତି ଯେ ଅନୀତି ନକଲେ ଆଜି ସମୟରେ ସମାଜରେ ବଂଚିବା କଷ୍ଟକର ହୋଇପଡିବ ଯାହା ଏକ ଭ୍ରାନ୍ତିକର ଭାବନା ମାତ୍ର ! କାରଣ କୌଣସି ଅନୀତି ନକରିବା ଦ୍ୱାରା ମଣିଷ ବାସ୍ତବିକ ସୁଖ ପ୍ରାପ୍ତ ହୋଇପାରିବ ଯାହା ତାକୁ କୌଣସି ସାମାଜିକ ବାଧା ବିଘ୍ନରୁ ଯଥେଷ୍ଟ ଦୂରରେ ରଖି ପାରିବ । କିନ୍ତୁ ସେହି ବିଶ୍ୱାସ ଜାଗ୍ରତ ହୋଇ ପାରୁନାହିଁ ସାଧାରଣ ଲୋକଙ୍କ ମନରେ । କାରଣ ଅନୈତିକ ଭାବପ୍ରବଣ କ୍ରୁର ଦମନକାରୀ ଅସଭ୍ୟ ମଣିଷ ଗୁଡିକ ସାମାଜିକ ପରିସ୍ଥିତିକୁ ସେହିଭଳି ପରିଚାଳିତ କରିବାରେ ସବୁବେଳେ ନିମଗ୍ନ ବିଭୋର ! କିନ୍ତୁ ସାଧାରଣ ମଣିଷ ସେମାନଙ୍କ ପ୍ରଚଳିତ କୁହେଳିକାରୁ ନିଜକୁ ଦୁରେଇ ରଖି ପାରିଲେ ନିଶ୍ଚିତ ଯେ ନିଜ ଜୀବନ ସରଳ ସୁନ୍ଦର ହୋଇ ପାରିବ ସେଇଥିରେ ତିଳେ ହେଲେ ସନ୍ଦେହ ନଥିବା ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ..... ?

+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭



## ତୁମ ପ୍ରଣୟ ଓ ତୁମେ

**ଦିନେଶ ମେହେର**



କେବେ ତୁମେ କବିର କବିତା
ସାହିତ୍ୟ ର ପ୍ରତିଟି ଅକ୍ଷରେ
ତୁମେ ନାନା ରୂପେ ଝଲସୁ ଥାଅ।
ସଙ୍ଗୀତ ର ତୁମେ ସଙ୍ଗୀତା
ଗାୟକର ସାରେଗାମାପା ସୁରେ
ମଧୁର ସଙ୍ଗୀତ ଟିଏ ହୋଇ
ଶ୍ରୋତା ର ମନକୁ ଚୋରେଇ ନିଅ।
ତୁମେ କେବେ ରୂପ ରାଇଜର ରୂପଶ୍ରୀ
ରୂପରେ ଗୁଣରେ ତୁମେ
ଏକ ଚାଉଳେ ଗଢା
ତୁମ ପାଇଁ ଅଛି ଜୀବନ ମୋର ସଜଡ଼ା,
ଯେବେ ଝରି ଆସେ ତୁମ ବେନି ନୟନୁ
ବୁନ୍ଦା ବୁନ୍ଦା ଲୋତକ ଧାର
ଝରି ଯାଏ ମୋ ହୃଦରୁ
ରକତର ମହାସାଗର ।
ଭ୍ୟାଲେ ।ଇନ୍ ଗାର୍ଲ୍
ତୁମେ ପ୍ରତୀକ ମୋ
ମିଠା ପ୍ରେମର।

ହେମବରଣୀ ସରି ତୁମ ରୂପ
ଅଧର ତୁମ ଗୋଲାପ କଢ଼ି
ଉ ମାଙ୍ଗ ତୁମେ ମୋ ଜୀବନର
ତୁମ ସକାଶେ ନିଃଶ୍ୱାସ ଚାଲେ ମୋର,
ଚାରୁ ତୁମେ,
କନକ ସରି ମୂଲ୍ୟବାନ ପ୍ରେମ ତୁମର
ତୁମ ପଦୁ ଟି କଥାରେ
ଅନ୍ତ ହୋଇଯାଏ ବେଦନା ମୋର
ଆଗୋ ମୋ ପ୍ରେୟସୀ
ଭ୍ୟାଲେ ।ଇନ୍ ରେ ଜନ୍ମ ତୁମ
ଭ୍ୟାଲେ ।ଇନ୍ ଆଣି ଦେବ ତୁମକୁ
ଖୁସିର ରଙ୍ଗ
ବହି ଯିବ ତୁମଠି
ନୂଆଁ ଫଗୁଣ ର ତରଙ୍ଗ।

ପଳାସ, ଜୁନାଗଡ଼
କଳାହାଣ୍ଡି
ଓଡ଼ିଶା- ୭୬୬୦୨୩

## ହୋଲି

**ଶ୍ରୀରୂପା ମଞ୍ଜରୀ ସେନ୍**



ଫାଲଗୁନ ମାସରେ,
ବସନ୍ତ ରୁତୁ ଆଗମନେ,
ସରି ସରି ଆସେ ଶୀତ
ବୃକ୍ଷ ମାନଙ୍କ ରେ ଭରି ଉଠେ
ନୂତନ ପତ୍ର ଓ ପୁଷ୍ପ ।

ମଳୟ ପବନ ବହେ,
କୁହୁ କୁହୁ ତାନେ,
କୋଇଲି ଗୀତ ଗାଏ
ହୃଦୟେ ଆନନ୍ଦ ,
ଉଲ୍ଲାସ ଭରି ଯାଏ
ଫାଲଗୁନ ପୂର୍ଣ୍ଣମୀ ଦିନେ
ହୋଲି ପର୍ବ ପାଳନ ହୁଏ ।

ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରି
ଦୋଳ ଗୋବିନ୍ଦଙ୍କ ଦଳ ଯାତ୍ରାରେ,
ସୁନ୍ଦର ବିମାନ ଉପରେ
ବୁଲନ୍ତି ରାଧାକୃଷ୍ଣ,
ମହା ଆଡ଼ମ୍ବରରେ,
ତାହା ଆକର୍ଷଣ ସୃଷ୍ଟି କରେ,
ପବିତ୍ର ଦଳ ଯାତ୍ରାରେ ।

ପୁରାଣ କହେ,
ହିରଣ୍ୟକଶିପୁର ଭଗ୍ନି,
'ହୋଲିକା',
ପ୍ରହଲ୍ଲାଦଙ୍କୁ ମାରିବା ପାଇଁ
ହୋଲିକାର ମୃତ୍ୟୁ ହୋଇଥିଲା
ଅଗ୍ନି କୁଣ୍ଡରେ,
ପ୍ରହ୍ଲାଦ ଦୀପ୍ତି ମାନ ଶରୀରରେ
ବାହାରି ଆସିଲେ
ଅଗ୍ନି କୁଣ୍ଡ ମଧ୍ୟରୁ ।

ଦୁଷ୍ଟ 'ହୋଲିକାର'
ମୃତ୍ୟୁର ଆନନ୍ଦରେ
ହୋଲି ପର୍ବ
ପାଳନ ହୋଇଥିଲା
ମହା ଆଡ଼ମ୍ବରରେ , ହିନ୍ଦୁ ଧର୍ମରେ ,
ସର୍ବତ୍ର ସବୁ ସ୍ଥାନରେ,
ଦେଶ ବିଦେଶରେ।

ବୈଜ୍ଞାନିକ ମତରେ,
ଶୀତ ପରେ ପରେ
ଫଗୁ ଖେଳିଲେ
ଶରୀର ସୁସ୍ଥ ରହେ,
ଲୋକଙ୍କ ମନରେ
ସ୍ନେହର ବନ୍ଧନ ସୃଷ୍ଟି କରେ,
କର୍ମ ମୟ ଜୀବନରେ
ଅବସାଦ ମେଣ୍ଟେ
ଧର୍ମ ଭାବ ଜାଗ୍ରତ ହୁଏ ।

ଆନନ୍ଦ ଭିତରେ ରହିଛି ବିଷାଦ ,
ପ୍ରଭୁଙ୍କ ଲୀଳା ବଡ ବିଚିତ୍ର ,
ଯୁଦ୍ଧର ବିଭୀଷିକା,
ହତ୍ୟାର ବିଭତ୍ସତା,
ରକ୍ତରେ ଖେଳୁଛି ହୋଲି ।

ହେ ରାଧାମାଧବ ,
ହେ ଦୋଳଗୋବିନ୍ଦ !
ତୁମ ଇଚ୍ଛା ମୂଳେ ଏ ସାରା ଜଗତ
ତୁମରି ଇଚ୍ଛାରେ ହେବ,
ଦୁଃଖ ଅଶାନ୍ତିର ବିନାଶ,
ସମସ୍ତେ ମିଶି ଆନନ୍ଦେ
ଖେଳିବେ ହୋଲି
ସାରା ସଂସାରେ ଜାଗି ଉଠିବ
ଶାନ୍ତି ଓ ମୈତ୍ରୀ ।

+ଅଙ୍ଗାର ଗଡିଆ , ବାଲେଶ୍ୱର
ମୋ: ୮୮୯୫୫୭୭୮୬୦

## ଆସିବକି ପ୍ରିୟ ତୁମେ

**ବନମାଳି ସେନାପତି**

ଫଗୁ ଦଶମୀରେ ଫଗୁ ଖେଳିବାକୁ
ଆସିବକି ପ୍ରିୟ ତୁମେ
ଫଗୁଣ ମାସରେ ଫଗୁର ରଙ୍ଗରେ
ବୋଳି ହୋଇଯାନ୍ତେ ଆମେ
ତୁମେ ହୋଇଯାନ୍ତ ଶିରିକୃଷ୍ଣ ଧନ
ମୁଁ ହୋଇଯାନ୍ତି ରାଇ
ପ୍ରେମର ମାଧବ ପାଲଟନ୍ତ ତୁମେ
ମନ ମୋର ମୀରାବାଇ
ତୁମେ ମାରୁଥାନ୍ତ ରଙ୍ଗ ପିଚକାରୀ
ଡାହାଣରୁ ଅବା ବାମେ
ଫଗୁ ଦଶମୀରେ ଫଗୁ ଖେଳିବାକୁ
ଆସିବ କି ପ୍ରିୟ ତୁମେ।
ଦୋଳ ବିମାନରେ ବିଜେ ରାଧାକୃଷ୍ଣ
ତୁମ ମନ ବିମାନରେ
ତୁମେ ଗାଉଥିବ ରାଧିକା ଭଜନ
ମୋର ମନ ତୁମଠାରେ
ଫଗୁ ଶେଷ ହେଲା ତୁମେ ଆସିଲନି
କଳଙ୍କିତ ମୋର ନାମେ
ଫଗୁ ଦଶମୀରେ ଫଗୁ ଖେଳିବାକୁ
ଆସିବକି ପ୍ରିୟ ତୁମେ।

ସଂପାଦକ 'ପରାଗ', ଆଳି



# କବିତାମାଳା

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ମଙ୍ଗଳବାର, ମାର୍ଚ୍ଚ ୨୨, ୨୦୨୨ ୫


## କଣ ପାଇଲ ?
### ପ୍ରଦୀପ୍ତ ଆଚାର୍ଯ୍ୟ



କଣ ପାଇଲ,
ଆଉ କଣ ପାଇବ ବୋଲି ଭାବୁଛ ?
ସ୍ରଷ୍ଟାର ସୃଷ୍ଟିରେ,ଶ୍ରେଷ୍ଠ ଜୀବ ବୋଲି,
ତୁମେ ଡିଣ୍ଡିମ ପିଟୁଛ,
କାହିଁକି, କଣ ପାଇଁ,ତୁମେ,
ମଣିଷ ରକ୍ତରେ ହୋରି ଖେଳୁଛ ?
ଇତିହାସ ପଢିନାହଁ ବୋଧେ ?
ରକ୍ତ ନଦୀ ବହିଯିବା ପରେ,
ସମ୍ରାଟଙ୍କ ପଶିଥିଲା ଚେତା,
ହୃଦୟକୁ ଜୟ ଯିଏ କରିପାରେ,
ସେହିଁ ପ୍ରକୃତ ବିଜେତା।
ବୋମା ବିସ୍ଫୋରଣର ଭୟଙ୍କର ଶବ୍ଦ,
ଭୀତତ୍ରସ୍ତ ମାନବର ଆକୁଳ ଚିତ୍କାର,
ପ୍ରବେଶ କି କରୁନାହିଁ କର୍ଣ୍ଣ ଗହ୍ୱରରେ ?
ଖାଦ୍ୟ ଜଳ ବିନା,ଚତୁର୍ଦ୍ଦିଗେ ହାହାକାର,
ଜନ୍ମଭୂମି ତେଜ୍ୟା ବେଳେ,ଲୋତକର ଧାର,
କରିକି ପାରୁନା ଦର୍ଶନ ତୁମ ମାନସ ଚକ୍ଷୁରେ ?
ନିଷ୍ପାପ ନିରୀହ ଶିଶୁର କରୁଣ ଚାହାଣି,
ପ୍ରତି ମୂହୁର୍ତ୍ତରେ,ମୃତ୍ୟୁକୁ ସାମ୍ନା କରିବାର ଭୟ,
ତୁମ ପ୍ରସ୍ତର ହୃଦୟକୁ କଣ କରୁନି ଅଥୟ ?
ଧନ୍ୟ ଧନ୍ୟ ତୁମେ,
ଇତିହାସେ ରଚିଯିବ ନାମ,
ନରହନ୍ତା ବୋଲି।
ଗର୍ବ ଦମ୍ଭ ଅହଂକାର, ନରହିବ କାଲି,
ବିଜୟକୁ ସାଥେ କେବେ,ନେଇ ପାରିବନି,
ଯିବା ବେଳେ,ଶୁନ୍ୟ ହସ୍ତେ,
ନିଶ୍ଚେ ଯିବ ଚାଲି,
ଯିବା ବେଳେ,ଶୁନ୍ୟ ହସ୍ତେ,
ନିଶ୍ଚେ ଯିବ ଚାଲି!!!


♥ ଶିକ୍ଷାବିତ୍
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


## ଆଞ୍ଜୁଳାଏ ଅନୁରାଗ
### ଜନ୍ମେଜୟ ପଣ୍ଡା



ଝିଅଟି ଛୋଟେଇ ଛୋଟେଇ ଆସିଲା
ଓ ମୋ ହାତଟିକୁ ଧରିନେଇ କହିଲା,
'ଅଙ୍କଲ, ମୁଁ କ 'ଣ ଭଲ ହେବିନି ?'

ତାର ସେଇ ନିରୀହ ଚାହାଣୀରେ
କୋରି ହେଇଗଲା ହୃଦୟ
ପାଉଁଶ ହେଇଗଲା ମନ,
ଉତୁରି ଗଲା ପରସ୍ତ ପରେ ପରସ୍ତ
ମୋର ଡାକ୍ତର ହେବାର ସବୁ ଅଭିମାନ ।

ଜଳି ଉଠିଲି ରାଗରେ
ଶୁଖିଲା ପାଳରେ ନିଆଁ ଧରିବା ପରି,
ଇଶ୍ୱରଙ୍କ ପାରିଲା ପଣିଆକୁ
ପ୍ରଥମଥର ସନ୍ଦେହ କରି ।

ମାସ୍କର ଆବରଣ ଭିତରେ ଥିବା
ମୁହଁଟା ଏଣୁ ତେଣୁ ଖୁବ ଗପିଲା
ବୋଧହୁଏ ସେ ମତେ
ନିଜଠୁ ଆହୁରି ନିଜର ଭାବିନେଇଥିଲା ।

କପଟବିହୀନ ତାର ସେଇ ଆଖି ଦିଓଟି
ନ କହି ବି ଅନେକ କିଛି ବୟାନ କରି
ଯାଉଥିଲା

ପଇସା ଲୋଭରେ ଆଣୁର ଅନାବଶ୍ୟକ
ଅପରେସନ କରିଥିବା
ଅନ୍ୟ ଏକ ଡାକ୍ତର ଉପରେ ଥିବା କ୍ଷୋଭକୁ,
ଅଦିନରେ ତା ଜୀବନରେ ଘୋଟି ଆସିଥିବା
କଳାହାଣ୍ଡିଆ ମେଘକୁ,
ଅନେକ ଅକୁହା ଅନୁଭବ
ଆଉ ଗାଁ ରେ ଥିବା ତା ସାଙ୍ଗମାନଙ୍କ ଭଳି
ସେ ଖେଳି ନପାରିବାର ଅବଶୋସକୁ ।

ଜୀବନର ପକ୍କା ପିଚୁ ରାସ୍ତା ଉପରେ
ଦ୍ରୁତ ଗତିରେ ମାଡ଼ି ଆସୁଥିବା
ଯନ୍ତ୍ରଣାମାନଙ୍କର ମୋଡ଼କୁ
ପରିବ ର୍ନ କରି ଦେବାପାଇଁ
ତାକୁ ପଚାରିଲି,
'କହିଲ ଦେଖି ବାପା ଭଲ ନା ମାଆ ?'
ତାର କଣ୍ଢେଇ ପରି ଓଠରେ ସେ କହିଲା, 'ମାଆ,
କାହିଁକି ନା ବାପା ତାକୁ ଚକଲେଟ ଦେଲେନି ।'

ଦୁନିଆରେ ଥିବା ସବୁ ଈଶ୍ୱରମାନେ
ତା ପାଇଁ ଛୁଟିରେ ଥିଲେ,
ତାକୁ ଅଣଦେଖା କରି

ଆଉ କେଉଁଠି ନିଜର ବଡ଼ପଣକୁ
ପ୍ରମାଣିତ କରିବାର
ବୋଧେ ଅପଚେଷ୍ଟା କରୁଥିଲେ ।

ଅପ୍ରତ୍ୟାଶୀତ ବାତ୍ୟାରେ ଜରାଜୀର୍ଣ୍ଣ
ହୋଇପଡିଥିବା ଚାଳଘର ପରି
ଭାଙ୍ଗିଯାଇଥିଲି ମୁଁ
ତା'ର ଦଲକାଏ ହସରେ,
ଶବ୍ଦମାନେ ଅଟକି ଯାଉଥିଲେ ତ ିରେ
ଯେମିତି ବର୍ଷାଦିନେ କେରାଣ୍ଡି ମାଛମାନେ
ଲାଖିଯାନ୍ତି ଜମି ହିଡ଼ରେ ବସିଥିବା ଜାଲରେ ।

କିଇଁବାର ମିଶାଣ ଫେଡ଼ାଣ ଜାଣିନଥିବା
ବୟସରେ,
ଈଶ୍ୱର ଲେଖି ଯାଇଥିଲେ
ବିରାଟ ବଡ଼ ଅଛିଣ୍ଡା ହରଣ
ତା ଜୀବନ ଖାତାରେ
ଯାହାର ଭାଗଶେଷ ଘରେ ଶୂନଟିଏ
ଯୋଡ଼ିବା ପାଇଁ
ସେ ଧରି ବସିଥିଲା ଆଞ୍ଜୁଳାଏ ଅନୁରାଗ ।


♥ ଦାଶରଥି ପୁର
ବଡମ୍ବା, କଟକ
ପିନ - ୭୫୪୦୩୧
ମୋ: ୭୦୦୮୭୫୨୬୩୧




## ସଂଘର୍ଷ
### କୁମୁଦ ଚନ୍ଦ୍ର ନାଗ

ବାରମ୍ୱାର,
ଆହତ ହେଲା ପରେ ବି
ଜୀବନ ଜିଇଁବାକୁ ହୁଏ
ସେ ଭବିଷ୍ୟତର
ଲକ୍ଷ୍ୟକୁ ନେଇ.....।।
ଆଉ ଥରେ
ନିଜକୁ ପ୍ରସ୍ତୁତ କରି
ହସ,କାନ୍ଦ ଭିତରେ
ଚଳିବାକୁ ହୁଏ
ସେହି ଲକ୍ଷ୍ୟକୁ ନେଇ...।।
ପ୍ରାପ୍ତି ଓ ଅପ୍ରାପ୍ତି ଦୂରର କଥା
ସଂଗ୍ରାମ କରୁଥିବି
ଲକ୍ଷ୍ୟସ୍ଥଳକୁ ନ ପହ ିବା ଯାଏ ।।


♥ ବିକ୍ରମ ଦେବ ସ୍ୱୟଂଶାସିତ
ମହାବିଦ୍ୟାଳୟ,ଜୟପୁର
ସ୍ନାତକୋ ର ପ୍ରଥମ ବର୍ଷ, ଓଡ଼ିଆ
ବିଭାଗ


## ପୁରୀ
### ସୁମିତା ବେହେରା



ପୁରୀ, ତୁମେ ପୃଥିବୀ ପୃଷ୍ଠରେ
ହସ ହସ ମୁହଁ ଟିଏ,
ପ୍ରତ୍ୟହ ତର୍ପଣ ର ନାମେ ଥାଅ
ଥାଅ ପୁଣି ସକାଳ ର ସ୍ତବ ଠାରୁ
ସନ୍ଧ୍ୟା ର ସୂର୍ଯ୍ୟ ଅସ୍ତ ଯାଏ ।

ତୁମ, ଚିହ୍ନା ଚିହ୍ନା ବାସ୍ନା ରେ
ଅବଶିଷ୍ଟ ମୁହୂ ର୍ତ୍ତ ରୁ ନେଇ, ଗଲି ତୁମ ଯାଏ
ମନ ମୋର ତୁମେ ବି ଟାଣିଲ,
ମୋ ମନର ଉ ଜନା ତକ
ମେଘ ପରି ଘୋଟି ମୋ ଆଖିରେ
ଭକ୍ତି ର ଲୁହ ବିନ୍ଦୁ କଲ ।

ଯେଉଁଠି ଦେଖିଲି, ଅନ୍ଧାର ରେ ନ ଥିଲା
ଅନ୍ଧାର,
ଅଭିନ୍ନତା ର ନିଟୋଳ ଦେହାବରଣ ରେ
ନୀଳମୟ ଫେନିଳ ଜୁଆର ।

ତୁମ, ଜଳ, ସ୍ଥଳ, ନୀଳ ଅମ୍ବର ଯାକ
ସର୍ବାଙ୍ଗ ରେ ଲେପିଥିଲେ,
ଭକ୍ତି ର କେତେ କେତେ ରଙ୍ଗ,
ମୁହଁ ମାନ ଦିଶୁଥିଲେ କଇଁ ଫୁଲ ପରି,
ଆଙ୍କି ଥିଲେ କପାଳରେ ତୃପ୍ତି ର ଟିକା
ଦେଖି, ଦାରୁଭୂତ ଅଧର ର ରାଗ ।

ପତିତପାବନ ନେତ ର ଅବୁଝା, ଅନିଦ୍ରା,
ଆଶ୍ୱାସନା ର ଫର ଫର ଡାକରେ
ପୋଛି ନିଜ କପାଳ ରୁ ଉଦାସୀନ ରେଖା,
କେତେ ଶାନ୍ତି, ଉଲ୍ଲାସ ଥିଲା
ପ୍ରତି ଆଖି, ମୁଖ ମଣ୍ଡଳ ରେ ।

ମୁଁ ଜାଣିଛି, ତୁମ ମାଟି ଟିକିଏ
ବୋଲି ହେବାପାଇଁ
ଲୋକେ ଭାବନ୍ତି ଦୁନିଆ ଯାକର,
ଧାଇଁଥାନ୍ତି ଚେନାଏ ଖୁସିକୁ ମୁଠାଇ
ହାତ ପାପୁଲିରେ
ଲୋଡନ୍ତି ତୁମକୁ ଥାଉ ପଛେ ଯେତେ ବଡ
ଯାତନା ର ଜର୍ଜରିତ କଳେବର ।

ତୁମ ମହୋଦଧି ଧୋଇଦିଏ
ରୋଷ, ଅହଂ, ଅସ୍ଥାୟୀ ଚେତନା କାଳ କାଳ
ଧରି,
ବିତାଇଛି ଏ ମଣିଷ ଯେଉଁଥିରେ, ତା ସାରା
ଆୟୁଷ
ସତ ନୁହେଁ ଯାହା, ତାକୁ ସତ ମଣିକରି ।

ସେଇ ବେଳାଭୂମି ତଟେ ବିଛାଇ ଦେଇଛ
ସୁକ୍ଷ୍ମ ରାସ୍ତା ଟିଏ ସରଗ ଦୁଆର ଆଡକୁ,
ଯେଉଁଠାରେ ଏକାକାର ହୁଏ ଦିନ ରାତି
ଜଳି ପୋଡି ଯାଏ ରାଶି ରାଶି ଅହଂକାର
ନିଆଁ ଧୂଆଁ ସାଥେ
ନିଃଶ୍ୱାସ ଉଡିଯାଏ, ଦିଗନ୍ତ ର ଦୂରେ
ମୋକ୍ଷର ପଦ ସ୍ପର୍ଶ କରିବାକୁ ।


♥ କାଳିକାପୁର, ୱାର୍ଡ଼ ନଂ -୨୪
ବାରିପଦା, ମୟୂରଭଞ୍ଜପୁରୀ


## ତୁ ନାହୁଁ ବୋଲି
### ପ୍ରତିମା ମେହେର



ତୁ ନାହୁଁ ବୋଲି,
ଏକା ଏକା ଲାଗେ,
ପ୍ରତିଟି ସକାଳ, ପ୍ରତିଟି ରାତି
ମୋ ଭାବନା'ର ଅନ୍ତ ଘଟେ ପ୍ରତିକ୍ଷଣ
ତୋ ସ୍ନେହ ବୋଳା କଥାରେ ମିଳୁଥିଲା
ଅନେକ ପ୍ରୋତ୍ସାହନ, ପ୍ରେରଣା
ତୁ ନାହୁଁ ବୋଲି ,
ଫିକା ଫିକା ଲାଗେ ଏଇ ଫଗୁଣ
ଝଡ଼ି ଯାଉଥିବା ବଉଳ କଢ଼ିରେ
ସ୍ମୃତି ସବୁ ଝଡ଼ି ଝଡ଼ି ଯାଏ
ମୋ ନିଃଶବ୍ଦ ଅଗଣାରେ
ତୁ ନାହୁଁ ବୋଲି,
ବସନ୍ତ'ର ମୃଦୁ ମଳୟ ଲାଗୁଛି
ଗ୍ରୀଷ୍ମ'ର ନିଆଁ ଝୁଲଟିଏ
ଘଡ଼ିକେ ଘଡ଼ି ଉଠୁଛି କୋହ
ମୋ ଶୂନ୍ୟ ଅନ୍ତର ତଳୁ
ତୁ ନାହୁଁ ବୋଲି,
ବୋଲ ମାନୁନି ଅମାନିଆ ଲୁହ
ନୀରବରେ ବହିଯାଏ,ଉଦାସ ଗଣ୍ଡ ଦେଶୁ
ଲେଖି ଦିଏ କାହାଣୀଟିଏ
ନିଃସଙ୍ଗତା'ର !
ତୁ ନାହୁଁ ବୋଲି,
ଶୂନ୍ୟତା'ର ବଳୟ ମୋ ଚଉଦିଗେ
ବିଚ୍ଚରଣ କରେ ଅହରହ
ଖାଁ ଖାଁ ଲାଗେ ସବୁ କିଛି
ଜଳେନାହିଁ ପ୍ରେମର ପ୍ରଦୀପ ଟିଏ

ଦରଦୀ ଛାତି ତଳେ
ତୁ ନାହୁଁ ବୋଲି,
ସବୁଜ ସ୍ୱପ୍ନ ସବୁ ଫଡ଼ ଫଡ଼ ଉଡ଼ିଯାଆନ୍ତି
ଡେଣା ମେଲାଇ ଦୁର ଦିଗନ୍ତକୁ
ମୂକ ହେଇଯାଏ, ଆତ୍ମୀୟତା'ର ଭାଷା
ବେଦନାସିକ୍ତ ସମୟ ସବୁ ଦଂଶିଯାଆନ୍ତି
ପ୍ରତିଟି ଘର୍ମାକ୍ତ ଅଙ୍ଗକୁ
ତୁ ନାହୁଁ ବୋଲି,
ଲାଗେନା ଶୀତଳ ଜହ୍ନ ତାରା ଜୋଛନା
ବାସେନା ଫୁଲ ମୋ ମନ ବନାନୀରେ
ବାସି ପଡ଼େ ମୋର ଇପ୍ସିତ ଇଚ୍ଛା
ଶୁଭେନା ରାଗିଣୀ କଳା କୋଇଲିର
ତୋ'ମୋ ଭିତରେ ଥିବା
'ତୁ ନାହୁଁ ବୋଲି'
କ୍ଷତାକ୍ତ ହାତ ଗଣତି କେଇଟି ଶବ୍ଦ
ପ୍ରଶ୍ନନାଚ୍ୟୀ ସୃଷ୍ଟି କରେ,
ମୋ ଆଗତ ଭବିଷ୍ୟତକୁ
ସ୍ୱତଃ ଓଠ ର ସରହଦ
ଡ଼େଇଁ ଚିତ୍କାର କରେ,
ତୁ ନାହୁଁ ବୋଲି, ତୁ ନାହୁଁ ବୋଲି ।


♥ ପାଟଣାଗଡ଼, ଜି-ବଲାଙ୍ଗିର


## ପାଉଁଜି
### ଡ. ସ୍ନିଗ୍ଧା ପଣ୍ଡା



ପାଉଁଜି ବାଜିଲେ
କାହାକୁ ଶୁଭିଯାଏ ସୁର
ସୁରରୁ ଗୀତ
ସେଇ ଗୀତ ଗଢିଦିଏ
ନୂଆ ସ୍ୱପ୍ନଟିଏ
ସୃଷ୍ଟିର ?
ସତରେ କି ସୁରଟିଏ ଶୁଭେ ?
ନା ଶୁଭେ ମନ୍ତ୍ର ଉଚ୍ଚାରଣ ?
ମୋହଗ୍ରସ୍ତ କରାଏ ସଂସାର
ମୋହ ତୁଟିଗଲେ
ପାଦ ଦିଶୁଥାଏ ଉତ୍ତର ପୁରୁଷର ?
ସେ ସୁରର ପ୍ରତିଧ୍ୱନି
କାହାକୁ ବାଟ ହୁଡେଇ ଦିଏ ତ
କାହା ବାଟ ସଜଡେଇ ଦିଏ
ସବୁର ଆରମ୍ଭ ଆଗରୁ
ଗଢିଦେଇଥାଏ କିଏ ଯେ
ସବୁର ଶେଷ ପରେ ବି ରହିଯାଏ ?
କେବେ ପୁରୁଣା ହୁଏ,
କେବେ ଛିଣ୍ଡିଯାଏ,
ବଦଳେଇ ଦେଲେ ନୂଆ ସିନା ମିଳେ
ହେଲେ ସେଇ ସୁର କଣ
କେବେ ବି ବଦଳେ ?


♥ ସରକାରୀ ଉଚ୍ଚ ବିଦ୍ୟାଳୟ,
ଆଇଆରସି ଭିଲେଜ୍, ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦


## ବିଚରା ମୁଁ ଜଣେ ପାଲଟିଲି କବି
### ତାରାପ୍ରସାଦ ଜେନା



ତତେ ଜାଣିବାରେ ସାହିତ୍ୟର ଭାବ ମୋର ଥିଲା କାଳେ ବେଶି
ଅଭାବର ଭାବ ବଢ଼ିଗଲା ତୋର ଇତିହାସ କଲୁ ଦୋଷୀ !
ମୋର ଦୋଷ କ'ଣ ଜାଣିବାକୁ ଆଉ ଫୁରୁସତ ଦେଲୁ ନାହିଁ
ମୁହଁ ମୋଡ଼ିଗଲୁ ଏମିତିକା ବାଟ ଫେରିଲୁନି ମାତ୍ର ଚାହିଁ !

କପଟର ଭାଷା ମୋର ସାହିତ୍ୟରେ ନଥିଲାଟି ଜମା କେବେ
ଉକୃଟର ପ୍ରେମ ଉଚ୍ଚାଟରେ ନାହିଁ କନ୍ଦାଇଲୁ ସିନା ଭବେ !
ଲୁହ ମୋର ହେଲା ପାଣିଗାର ସତେ ରାଣଲେଖା ଦେଲା ପୋଛି
ଅଳି ମଡ଼ାଣକୁ ଉଡ଼ାଣଟା ମନା କାଳାନଳ ଫୁଲ ଅଛି !

ଅଭିସାର ଯାତ୍ରା ଅଭିନୟ ମାତ୍ରା କହିଦେବ କିଏ ଖୋଲି
ମୁହଁ ସାମନାକୁ ମୋଟେ ଆସିଲୁନି ଅଧାପ୍ରାଣ ହେଲି ଖାଲି !
ପ୍ରେମ ଜ୍ୟାମିତିର ଉପପାଦ୍ୟ ଘୋଷା ଅଙ୍କନକୁ ହେଲା ଥକା
କଷ୍ଟ ଗଣିତର ସମାଧାନ ନାହିଁ ଛାଡ଼ିଦେଲୁ ମତେ ବୋକା !

ସନ୍ଦେହର ଘୁଣ ଖାଇଗଲା କଷ୍ଟ ଯଉବନେ ନଷ୍ଟ ଶାନ୍ତି
ବିଚରା ମୁଁ ଜଣେ ପାଲଟିଲି କବି ହାରିଗଲି ପ୍ରେମ କ୍ରାନ୍ତି !


♥ ରଣପୁର(ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦


## ତ୍ୟାଗ
### ରତ୍ନକାନ୍ତି ମିଶ୍ର



ଅନ୍ୟ ଦୁଃଖ ଦୂର କରି ଖୁସି ହେବା ଶିଖ
ତ୍ୟାଗ ପର ସ୍ୱତଃ ସ୍ପଷ୍ଟ ଭାବକୁ ପରଖ
ପଂ ଭୂତେ ଗଢା ପରା ଆମରି ଜୀବନ
ସେମାନଙ୍କ ଦାନ ଅନୁ'ଭୂତ ପ୍ରତିକ୍ଷଣ ।।

ତୃଷାତୁର ମୁଖେ ପାଣି ଦିଏ ପରା ନଈ
ତା'ର ଅବଦାନେ ସିନା ଜଗତ ହସଇ
ଗଛ ଦିଏ ଫୁଲ ଫଳ ମନା କରେ ନାହିଁ
ନିଃଶ୍ୱାସରେ ଅମ୍ଳଜାନ ସିଏ ତ' ଭରଇ ।।

ମାଟି ମାଆ ଦାନ ପରା ସବୁଠୁ ଅସାର
ଖାଦ୍ୟ ବସ୍ତ୍ର ଦିଏ ପୁଣି ରହିବାକୁ ଘର
ପିତା ମାତା ତ୍ୟାଗ କେବେ କର ଉପଲବ୍ଧି
ସନ୍ତାନର ଖୁସି ତାଙ୍କ ପାଇଁ କୋଟି ନିଧି ।।

ତ୍ୟାଗ ଏକ ସ ରିତ ପୂତ ଅଭିଳାଷ
ଯାଚିଦିଏ ହୃଦୟରେ ଅୟୁତ ଉଲ୍ଲାସ
ତ୍ୟାଗ ଏକ ଅଫୁରନ୍ତ ପ୍ରୀତି ଅନୁରାଗ
ପୂଣ୍ୟ ପ୍ରାଣ ମନୁଷ୍ୟର ଦିବ୍ୟ ଅନୁଭବ ।।


♥ ଆଳି,କେନ୍ଦ୍ରାପଡା




## ଏମିତି ସାଥି
### ଦୁଷ୍ମନ୍ତ ବେହେରା

ମେକପ ଲଗେଇ
ପାଖକୁ ଟାଣିଲ
ମିଠା କଥାରେ
ମନ ମୋହିଲ

କେମିତି ଜାଣିବି
ତୁମ ଚାହାଣୀ ଛଳନା
ଝାସା ମିଛେଇ କୁ
ବିଶ୍ୱାସ ଘାତିନୀ

ତୁମକୁ ଚିହ୍ନିବା ଆଗରୁ
ଚିହ୍ନେଇ ଦେଲ ରୂପ ତୁମର

ତୁମେ ମୋର
ଏମିତି ସାଥି........


♥ ରାସୋଳ-ମଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪


## ଡର
### ଝରଣା ବାରିକ



ଏଠି ଚାଲିବାକୁ ଲାଗେ ଡର
ଏଠି ଝୁ ିବାକୁ ଲାଗେ ଡର
ଏଠି କହିବାକୁ ଲାଗେ ଡର
ଏଠି ଶୁଣିବାକୁ ଲାଗେ ଡର
ଏଠି ଜୀଇଁ ବାକୁ ଲାଗେ ଡର
ଏଠି ମରିବାକୁ ଲାଗେ ଡର
ଏଠି ଖରା କୁ ଡର
ଏଠି ବର୍ଷା କୁ ଡର
ଏଠି ଶୀତକୁ ଡର
ଏଠି ଝଡକୁ ଡର
ଏଠି ପାଣିକୁ ଡର
ଏଠି ନିଆଁ କୁ ଡର
ଏଠି ହସିଲେ ଡର
ଏଠି କାନ୍ଦିଲେ ଡର
ଯାହାବି କଲେ
ଯାହା ନ କଲେ
ସଭିଙ୍କୁ ଖାଲି ଡର
ଏ ଡର ଏ ଡର
ସଭିଙ୍କ ନିଜର
ଏଠି ଛୁଇଁ ବାକୁ
ଲାଗେ ଡର
ଏଠି ଦୂରେଇ
ରହିଲେ ଡର
ଏଠି ପ୍ରେମ
କରିବାକୁ ଡର
ଏଠି ପ୍ରତାରଣା
ଲାଗେ ଡର।
ଡରି ଡରି ଏଠି
କେମିତି ବ ିବା
କେମିତି କରିବା ଘର।
ଯାହା କହୁଛି ମନ ଆମର
ତାହାହିଁ କରିବା
ଡର ଭିତରେ ଘର କରିଲେ
ସଫଳ ନ ହେବା
ଡରକୁ ଛାଡି ସାହାସ ବାନ୍ଧି
ଆମେ ଆଗକୁ ବଢିବା।


♥ ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨


## ଫୁଃ...
### ଆଦ୍ୟାଶା ମହାପାତ୍ର



ପବିତ୍ର ଗୀତାର କର୍ମ ଯୋଗ
ତା ମୁଣ୍ଡରେ ପଶେନି
ପାପ, ପୁଣ୍ୟର ହିସାବ ସେ ଜାଣେନି
କାହାକୁ ସ୍ତୁତି କରି
କିଛି ହାସଲ କରିବାର କଳା କୌଶଳ
ଏଯାଏଁ ଶିଖି ପାରିନି
ସକାଳୁ ସଞ୍ଜଯାଏ
ଗଳି, କନ୍ଦି, କୁଢ଼, ଆବର୍ଜନା ଘା ି ବି
ପେଟରେ ଶୁଭୁଚି ଭୋକର ଅଦଉତି
ପା ପ୍ରାଣୀର ସଂସାରକୁ ଘଡିରେ ନାହିଁ ଦାନା
ପର୍ବ, ପର୍ବାଣୀ,ବାର,ଅବାର, ଫୁଃ..!

ବିଷାଦଗ୍ରସ୍ତ ଅର୍ଜୁନ
ବୁଝେଇ ଦେଇଛି ନିଜକୁ
ସବୁତକ ମଉଳା ସ୍ୱପ୍ନ
ସଂସାର ବେଭାର
ବିଦ୍ୟା ଅବିଦ୍ୟା ଭେଦକୁ
ଆତ୍ମସ୍ଥ କରିଛି,
ସେ କୋଉ ବୁଝି ପାରେ କି
ଏତେ ପେ ..ଏତେ ପ୍ରପ ..
ଦୁନିଆର ରୀତିନୀତି, ରାଜନୀତି, ଫୁଃ...!!

ଭୋକରେ ଦୁଃଖରେ
ହସରେ ଲୁହରେ
ପ୍ରେମ ବା ପ୍ରାପ୍ତି ରେ
ପ୍ରାର୍ଥନା ବା ପ୍ରତ୍ୟାଖ୍ୟାନରେ
ସବୁଠି ଯୋଗମୁଦ୍ରାରେ ଈଶ୍ୱର
ସେ ବି ସହିଛନ୍ତି କେତେ ଘାତ ପ୍ରତିଘାତ
ଲାଞ୍ଛନା, ଅପବାଦ, ଜନ୍ମ, ମୃତ୍ୟୁର ସଂଘାତ
ତେଣୁ ଜୀବନରେ ଭୋଗୁଥିବା
ଯେତେ ସବୁ ଯନ୍ତ୍ରଣାକୁ
ସେ ବି ଅକାତରେ କରିଦିଏ ଫୁଃ...!!!


♥ ନୂଆପଡା, କଟକ

# କଳାହାଣ୍ଡି ଜିଲ୍ଲାର ବହୁ ନିର୍ବାଚିତ ସମିତି ସଭ୍ୟ ବିଜେପିରେ ହେଲେ ସାମିଲ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ରଙ୍କ ଉପସ୍ଥିତିରେକଳାହାଣ୍ଡି ଜିଲ୍ଲାର ବହୁ ନିର୍ବାଚିତ ସମିତି ସଭ୍ୟ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । କଳାହାଣ୍ଡି ଜିଲ୍ଲା ସାଧାରଣ ସଂପାଦକ ଯୁଗଲ କିଶୋର ପୋଡ ଏବଂ ନବନିର୍ବାଚିତ ଭବାନିପାଟଣା ବ୍ଲକ ଚେୟାରମ୍ୟାନ ଶ୍ରୀ ପ୍ରଫୁଲ୍ଲ ସାହୁଙ୍କ ନେତୃତ୍ୱରେ ନବନିର୍ବାଚିତ ସମିତି ସଭ୍ୟ ପୁଷ୍ପାଞ୍ଜଳୀ ସାହୁ, ଗୋପାଲ ରଣା, ଦାମ ଧରୁଆ,ଜନନୀ ବେମାଲ, ଗିତାଞ୍ଜଳୀ ସାହୁ, ତିବୁଲି ନାଗ, ତିଲୋତମା ଜାଲ୍, ରଜନୀ ସାହୁ, ବଲ୍ଲଭି ନାଏକଙ୍କ ସମେତ ସରପଂଚ ୟୁନିୟନର ପୂର୍ବତନ ସଭାପତି ରବିନ୍ଦ୍ର ସାହୁ, ପୂର୍ବତନ ସରପଂଚ ସୁଶାନ୍ତ କୁମାର ସାହୁ, ଅରୁଣ ମାଝୀ, ଦୟା ବେମାଲ, ବେଲାଳସେନ ନାଏକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ରନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟମାନଙ୍କୁ ଦଳୀୟଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଏବଂ କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡାଙ୍କୁ ସମର୍ଥନ ଜଣାଇ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାର୍ଟୀରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ଶ୍ରୀ ମହାପାତ୍ର ସ୍ୱାଗତ କରିଥିଲେ । ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡିଶାରେ ମଧ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ୍, ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ୍ କୁମାର ଦାସ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଂଚାନନ ନାୟକ, କଳାହାଣ୍ଡି ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ସାଗର ମାଝୀ, ମନୋଜ କୁମାର ସାହୁ, ବିଭିଷଣ ସାହୁ, ଚିନ୍ମୟ ବେହେରା, ଶରତ ନାଏକ, ନରେଶ ସାହୁ, ସୁମନ୍ତ ପାଢୀ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋଦି ସରକାର ମିଶନ ମୋଡରେ, ଓଡିଶା ସରକାର କମିଶନ ମୋଡରେ : ସମୀର ମହାନ୍ତି

ଭୁବନେଶ୍ୱର,୨୧/୦୩(ନି.ପ୍ର): ଜିଲ୍ଲାର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କ୍ଷେତ୍ରକୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରୁଥିବା ଶାସକ ବିଜେଡି ତାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରୁନାହିଁ । ସେହିପରି ୧୪ଦଶ ଏବଂ ୧୫ଦଶ ଅର୍ଥ କମିଶନ ସୁପାରିଶ ଆଧାରରେ ସହରାଂଚଳର ବିକାଶ ପାଇଁ ମୋଦି ସରକାର ପ୍ରତ୍ୟେକ ସହରାଂଚଳକୁ ସିଧାସଳଖ ଟଙ୍କା ପଠାଇଲେ, କିନ୍ତୁ ବିଜେଡିର ନେତାମାନେ ହରିଲୁଟ୍ କରିଦେଲେ । କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇନପାରି ରାଜ୍ୟ ସରକାରଙ୍କ ପାଖରେ ପଡିରହିଛି । ଦଳୀୟ ଆଧାରରେ ବାସଗୃହ ବଂଟନ କରି ରାଜ୍ୟର ଅଗଣିତ ଆର୍ଥିକ ଦୁର୍ବଳ ଓ ଗରୀବ ଲୋକଙ୍କୁ ବାସହୀନ କରି ରଖିବା ଶାସକ ବିଜେଡିର ଜନବିରୋଧୀ ମାନସିକତାକୁ ସ୍ୱଷ୍ଟ କରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପୌର ନିର୍ବାଚନ ପ୍ରଚାର ଅବସରରେ କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଗତ କାଲି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ପ୍ରଚାର କରିଥିଲେ । ଏହି ଅବସରରେ ସ୍ଥାନୀୟ ବିଧାୟକ ତଥା ଗଜପତି ଜିଲ୍ଲା ସଭାପତି ଶ୍ରୀ କେ.ନାରାୟଣ ରାଓ ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତାଙ୍କ ଗହଣରେ ବାଇକରେ ବୁଲି ଦଳୀୟ ଚେୟାରମ୍ୟାନ ପ୍ରାର୍ଥୀ ଶ୍ରୀମତୀ ମାମିଡି ରାଜେଶ୍ୱରୀ ଏବଂ କାଉନସିଲରଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଏହା ପରେ ଅପରାହ୍ନରେ ରାୟଗଡା ଜିଲ୍ଲାର ଗୁଣୁପୁର ଏନଏସି ଚେୟାରମ୍ୟାନ ପ୍ରାର୍ଥୀ ଶ୍ରୀମତୀ ୱାଇ.ଅନ୍ନପୁର୍ଣ୍ଣା ଏବଂ ରାୟଗଡା ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରାର୍ଥୀ ଶ୍ରୀ ପଦ୍ମନାଭ ଦାଶଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଆଜି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସୁନାବେଡାରେ ଚେୟାରମ୍ୟାନ ପ୍ରାର୍ଥୀ ଶ୍ରୀ ବିଜୟ କୁମାର ମଲ୍ଲିକ, କୋରାପୁଟରେ ଜି.ସଂଜୀବ କୁମାର ଏବଂ ଜୟପୁରରେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଏବଂ ଦଳୀୟ କାଉନସିଲରଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । କେନ୍ଦ୍ରରେ ମୋଦି ସରକାର ମିଶନ ମୋଡରେ କାର୍ଯ୍ୟ କରୁଥିବାବେଳେ ଓଡିଶା ସରକାର କମିଶନ ମୋଡରେ କାର୍ଯ୍ୟ କରୁଛନ୍ତି । ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ବିକାଶ ବାଧାପ୍ରାପ୍ତ ହୋଇଛି । ଜଳ ଜୀବନ ମିଶନ ଯୋଜନାରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇବାର ନିଷ୍ପତି ନେଇଥିବା ମୋଦି ସରକାର ଏଥି ପାଇଁ ବ୍ୟାପକ ମାତ୍ରାରେ ଆର୍ଥିକ ଅନୁଦାନ ପ୍ରଦାନ କରୁଛନ୍ତି । ମାତ୍ର ଶାସକ ବିଜେଡିର ଅପାରଗତା କାରଣରୁ ଆଜି ସାମାନ୍ୟ ପାନୀୟ ଜଳ ପାଇବାରୁ ମଧ ସହରାଂଚଳବାସୀ ବଂଚିତ ହୋଇଛନ୍ତି । ଜାଗା ମିଶନ ଜରିଆରେ ଗରୀବ ବାସହୀନଙ୍କୁ ଜମି ପଟ୍ଟା ସହ ବାସଗୃହ ଯୋଗାଇ ଦେବା ପାଇଁ ସଂକଳ୍ପବଦ୍ଧ । ମାତ୍ର ରାଜ୍ୟ ସରକାର ଲୋକଙ୍କୁ ପଟ୍ଟା ଦେଇ ପୁଣି ଫେରାଇ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ସାଧାରଣ ଗରୀବଙ୍କ ପ୍ରତି ଉପହାସ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ ମାରିଥିବାରୁ ସହରାଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ସହରାଂଚଳର ବିକାଶ ପାଇଁ ଅର୍ଥର ଅଭାବ ନାହିଁ, ବରଂ ଶାସକ ବିଜେଡିର ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ରାଜ୍ୟର ସହରାଂଚଳରେ ସଠିକ ବିକାଶ ହେଉନାହିଁ ଏବଂ ସାମୁହିକ ବିକାଶ ବାଧାପ୍ରାପ୍ତ ହୋଇଛି । ଦଳୀୟ ଆଧାରରେ ବାସଗୃହ, ରାସନ କାର୍ଡ ଆଦି ବଂଟନ ହେଉଛି । ବ୍ୟାପକ ପିସି କାରବାର ଦୁର୍ନୀତିଗସ୍ତ ରାଜ୍ୟ ସରକାରଙ୍କ ଅସଲି ମୁଖା ଖୋଲିଦେଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଜୟରାମ ପାଙ୍ଗୀ, ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଂଜନ ମଙ୍ଗରାଜଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ପୂର୍ବ ତଟ ରେଳପଥ ମୁଖ୍ୟାଳୟ ପକ୍ଷରୁ ହାସ୍ୟକବି ସମ୍ମିଳନୀ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ହୋଲି ମହୋତ୍ସବ ଅବସରରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ପକ୍ଷରୁ ହାସ୍ୟକବି ସମ୍ମିଳନୀ ଆୟୋଜିତ ହୋଇଯାଇଅଛି ଯେଉଁଥିରେ କବିମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ହାସ୍ୟରସ ପ୍ରଦର୍ଶନ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ ଅତିଥି ଭାବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଯୋଗଦାନ କରିଥିବାବେଳେ ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ଉପାଧକ୍ଷ ଶ୍ରୀମତୀ ଅନୁପମା ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ମହିଳା କଲ୍ୟାଣ ସଂଗଠନର ସଦସ୍ୟା ମାନେ ଉପସ୍ଥିତ ଥିଲେ । ପୂର୍ବ ତଟ ରେଳପଥର ମୁଖ୍ୟ ରାଜଭାଷା ଅଧିକାରୀ ଶ୍ରୀ ଦେବେନ୍ଦ୍ର ପ୍ରତାପ ଲାଲଙ୍କ ଦକ୍ଷ ନେତୃତ୍ୱରେ ଏହି ହାସ୍ୟ କବି ସମ୍ମିଳନୀ ଆୟୋଜିତ ହୋଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭରେ ମାତା ସରସ୍ୱତୀଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳିତ ହୋଇଥିଲା । ଏହା ପରେ ଶ୍ରୀ ସ୍ୱାଧୀନ ପ୍ରଧାନଙ୍କ ଦ୍ୱାରା ମା ସରସ୍ୱତୀଙ୍କ ସମ୍ମାନାର୍ଥେ ହାସ୍ୟ କବିତା ସମ୍ମିଳନୀ ଆରମ୍ଭ କରାଯାଇଥିଲା । ମଂଚରେ ସମ୍ମାନିତ କବିମାନଙ୍କୁ ଆମନ୍ତ୍ରଣ କରି ସେମାନଙ୍କୁ ସ୍ମୃତିଚାରଣରେ ସମ୍ମାନିତ କରାଯାଇଥିଲା ।

କବି ଦୀନେଶ ଦେହାତି ଏକ ଉତ୍କୃଷ୍ଟ ମଂଚ ପରିଚାଳନା କରି, ସାମାଜିକ ଅଭ୍ୟାସର ରଙ୍ଗୀନ ମୋତି ପିନ୍ଧି, ଗ୍ରାମାଂଚଳର ମନୋରମ ଘଟଣାଗୁଡ଼ିକୁ ତାଙ୍କ ବାକ୍ୟରୁ ବାହାର କରି ହାସ୍ୟ ରସାତ୍ମକ ଶବ୍ଦମାନଙ୍କର ଗଣ୍ଠି ବାନ୍ଧିଲେ । ଦେଶପ୍ରେମର ରଙ୍ଗରେ ବୁଡି ରହିଥିବା କବି ଅଶୋକ ନାଗର ସାଧାରଣ ଜନତା, ଦର୍ଶକ-ଗ୍ୟାଲେରୀ ଏବଂ ଦର୍ଶକଙ୍କ ପାଇଁ ନିର୍ବାଚନ ରଙ୍ଗର ଇନ୍ଦ୍ରଧନୁ ଆଣିଥିଲେ । ମୋବାଇଲ ମାଧ୍ୟମରେ କବି ବଂଶୀଧର ମିଶ୍ର ମାନବ ଜୀବନର ଦୁଃଖଦ ଘଟଣାକୁ ହସ ମାଧ୍ୟମରେ ଦର୍ଶକଙ୍କ ନିକଟକୁ ଆଣିଥିଲେ ।

ଏହି ସମ୍ମିଳନୀରେ ପାଂଚ ଜଣ ସ୍ଥାନୀୟ ରେଳ କବି ଯଥା ବିକ୍ରମାଦିତ୍ୟ ସିଂ (ବରିଷ୍ଠ ବିଭାଗ ଅଧିକାରୀ, ଅର୍ଥ ବିଭାଗ, ମୁଖ୍ୟାଳୟ), ସନ୍ତୋଶ ଦାସ (ଦକ୍ଷତା ଇନ୍ସପେକ୍ଟର, ସାଧାରଣ ପ୍ରଶାସନ ବିଭାଗ, ମୁଖ୍ୟାଳୟ), ବିନୋଦ କୁମାର (ବରିଷ୍ଠ ବିଭାଗ ଅଧିକାରୀ, ଅର୍ଥ ବିଭାଗ, ମୁଖ୍ୟାଳୟ), ଆଶିଷ କୁମାର ସାହା (କନସୋଲ ଅପରେଟର, ବାଣିଜ୍ୟ ବିଭାଗ) , ମୁଖ୍ୟାଳୟ) ଏବଂ ସତ୍ୟନାରାୟଣ ଭର୍ମା (ସିନିୟର ସେକ୍ସନ୍ ଇଞ୍ଜିନିୟର, ସିନିୟର ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର୍ ବିଭାଗ, ଖୋର୍ଧାରୋଡ୍ ଡିଭିଜନ୍) ମଧ ଭାଗ ନେଇଥିଲେ । ବହୁ ସଂଖ୍ୟାରେ କବିତା ପ୍ରେମୀ ଏହି କବି ସମ୍ମିଳନୀକୁ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ଶେଷରେ, ସରକାରୀ ଭାଷା (ରାଜ ଭାଷା) ଅଧିକାରୀ ଶ୍ରୀମତୀ ୟଲିନା ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ‘ଆମ ପାଞ୍ଜି’ ଶ୍ରୀଜଗନ୍ନାଥ, ଶ୍ରୀଲିଙ୍ଗରାଜଙ୍କ ନିକଟରେ ସମର୍ପିତ



ଭୁବନେଶ୍ୱର/ପୁରୀ ,୨୧/୦୩ (ନି.ପ୍ର): ପବିତ୍ର ହୋଲି ଅବସରରେ ‘ସମ୍ବାଦ-ଆମ ଓଡ଼ିଶା’ ପକ୍ଷରୁ ପ୍ରକାଶିତ ‘ଆମ ପାଞ୍ଜି’ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ସମର୍ପିତ ହୋଇଛି ।

‘ସମ୍ବାଦ’ର ସଂପାଦକ ତଥା ‘ଆମ ଓଡ଼ିଶା’ର ଅଧକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସମେତ ‘ଆମ ଓଡ଼ିଶା’ ସଂପାଦକ ସ୍ୱରାଜ ମିଶ୍ର, ‘ପୌରୁଷ’ର ସଂପାଦକ ଅସିତ ମହାନ୍ତି, ଶ୍ରୀଲିଙ୍ଗରାଜ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର ପ୍ରମୁଖ ଆଶୀର୍ବାଦ ଭିକ୍ଷା କରିବା ସହ ‘ଆମ ପାଞ୍ଜି’ ସମର୍ପଣ କରିଥିଲେ ।

ସେହିଭଳି, ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ‘ସମ୍ବାଦ-ଆମ ଓଡ଼ିଶା’ ପକ୍ଷରୁ ପ୍ରକାଶିତ ‘ଆମ ପାଞ୍ଜି’ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମର୍ପିତ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି । ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର, ‘ଅଭିନନ୍ଦନିକା’ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀମନ୍ଦିର ସୁବେଦାର ଯୋଗେଶ ସ୍ୱାଇଁ, ‘ସମ୍ବାଦ’ର ଜିଲ୍ଲା ପ୍ରତିନିଧି ସୁମନ୍ତ ପରିଡ଼ା, ସାମ୍ବାଦିକ ଶ୍ୟାମକାହ୍ନୁ ପଟ୍ଟନାୟକ, ସତ୍ୟନାରାୟଣ ରାଉତରାୟ, ସନ୍ତୋଷ ବରାଳ, ‘କନକ ନ୍ୟୁଜ’ର ଜିଲ୍ଲା ପ୍ରତିନିଧି ସୀମାଞ୍ଚଳ ପାଢ଼ୀ, ସୁକାନ୍ତ ସ୍ୱାଇଁ, ପବିତ୍ର କୁମାର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ଅକ୍ଷୟ ମିଶ୍ର, ସଂଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ ଯେ ଗତ ୧୧ ବର୍ଷ ଧରି ସମ୍ବାଦ-ଆମ ଓଡ଼ିଶା ପକ୍ଷରୁ ପ୍ରକାଶିତ ହେଉଥିବା ଏହି ପାଞ୍ଜି ଓଡ଼ିଶାବାସୀଙ୍କ ମଧରେ ଆଦର ଲାଭ କରି ଆସିଛି । ୨୦୨୨-୨୩ ବର୍ଷ ପାଇଁ ଏହି ପାଞ୍ଜି ପ୍ରକାଶ ପାଇଛି । ବିଶିଷ୍ଟ ଗଣକବୃନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଏହି ପାଞ୍ଜି ବହୁଦୃଷ୍ଟିରୁ ସ୍ୱତନ୍ତ୍ର । ସରଳ ଭାଷାରେ ଏହା ପ୍ରସ୍ତୁତ ହୋଇଛି ଏବଂ ତିଥି, ବାର, ନକ୍ଷତ୍ର, ଶ୍ରାଦ୍ଧ, ପୁଷ୍କର ଦୋଷ, ଯୋଗିନୀ ସ୍ଥିତି, ଦୂରଯାତ୍ରାର ଶୁଭାଶୁଭ, ବିବାହ, ବ୍ରତ ଆଦିର ଦିନ ସଂପର୍କରେ ସମସ୍ତ ତଥ୍ୟ ସରଳ ଭାଷାରେ ଦିଆଯାଇ ଏହାକୁ ଅତ୍ୟନ୍ତ ବ୍ୟବହାର ଉପଯୋଗୀ କରାଯାଇଛି ।

# ଦଳବିରୋଧୀ କାର୍ଯ୍ୟ ପାଇଁ ୧୨ ବିଜେପି ନେତା ବହିଷ୍କାର

ଭୁବନେଶ୍ୱର ,୨୧/୦୩ (ନି.ପ୍ର): ଜିଲ୍ଲା ସଭାପତିଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ କୋରାପୁଟ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ସୁନାବେଡା ପୌର ପରିଷଦ ମଣ୍ଡଳର ରାଜେନ୍ଦ୍ର କୁମାର ପାତ୍ର, ରାୟଗଡ଼ା ଜିଲ୍ଲା ମହିଳା ମୋର୍ଚ୍ଚାର ଜିଲ୍ଲା ସମ୍ପାଦିକା ସୁଜାତା ପଟ୍ଟନାୟକ, ରାୟଗଡା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବି.ଗଙ୍ଗାଧର, ନବରଙ୍ଗପୁର ପୌର ପରିଷଦ ମଣ୍ଡଳର ମଳୟ ଜେନା ଏବଂ ମହିଳା ମୋର୍ଚ୍ଚା ମଣ୍ଡଳ ସାଧାରଣ ସମ୍ପାଦିକା ବବିତା ସାହୁ, ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ଷଡ଼ଙ୍ଗୀ, ସୁନ୍ଦରଗଡ ଜିଲ୍ଲା ଓବିସି ମୋର୍ଚ୍ଚା ଜିଲ୍ଲା ଉପସଭାପତି ବୈକୁଣ୍ଠ ବାନଛର, ସୁନ୍ଦରଗଡ ନଗର ମଣ୍ଡଳ ସଭାପତି(ଅନୁସୂଚିତ ଜାତି ମୋର୍ଚ୍ଚା) ମହେଶ ତନ୍ତି, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ତୁଷୁରାର ପୂର୍ବତନ ମଣ୍ଡଳ ସଭାପତି ଅମରେଶ କେଡ଼ିଆ, ଝାରସୁଗୁଡା ଜିଲ୍ଲା ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ଅଗ୍ରୱାଲ, ନୂଆପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ(ଅନୁସୂଚିତ ଜାତି ମୋର୍ଚ୍ଚା) ନିମାଇଁ ଚରଣ ତାଣ୍ଡିଙ୍କୁ ଦଳରୁ ବହିଷ୍କାର କରାଯାଇଛି ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

# ବକେୟା ବିଲ୍ ଆଦାୟ ନାମରେ ମନମାନି ଅଭିଯୋଗ : ବିଜୁଳି ସଂସ୍କାର ପାଇଁ ବିଧାନସଭାରେ ଆଲୋଚନା ଜରୁରୀ



ଭୁବନେଶ୍ୱର ,୨୧/୦୩ (ନି.ପ୍ର): ବକେୟା ବିଲ୍ ଆଦାୟ ନାମରେ ଟାଟା ପାୱାର ସେଣ୍ଟ୍ରାଲ ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ମନମାନି କରୁଛି । ଏଭଳି ଅଭିଯୋଗ ଆଣିଛି ସମାଜବାଦୀ ପାର୍ଟି । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପାର୍ଟି ରାଜ୍ୟ ସଭାପତି ରବି ବେହେରା । ତାଙ୍କ ଅଭିଯୋଗ ମୁତାବକ, ବିଦ୍ୟୁତ ବିଲ୍ ବାକି ପଡ଼ିଛି କହି ସଂସ୍ଥା ବିନା ନୋଟିସ୍‌ରେ ସ୍କୁଲ, କଲେଜ, ସରକାରୀ ଦପ୍ତର ଓ ଘରୋଇ ଉପଭୋକ୍ତାମାନଙ୍କର ବିଦ୍ୟୁତ ସଂଯୋଗ ବିଛିନ୍ନ କରିଦେଉଛି । ପ୍ରତିବାଦ କଲେ, ଶୁଣିବାକୁ କେହି ନାହାନ୍ତି । ଗଣପର୍ବ ଦୋଳପୂର୍ଣ୍ଣିମା ଓ ହୋଲିରେ ମଧ ସମ୍ପୃକ୍ତ ସଂସ୍ଥା ବିଭିନ୍ନ ଜାଗାରେ ଲାଇନ୍ କାଟି ଦେଇଥିବା ଅଭିଯୋଗ ହୋଇଛି । ଧାନମଣ୍ଡଳ ଗାଁର ଜଣେ ଶିକ୍ଷୟିତ୍ରୀ ବିଧୁସ୍ମିତା ମିଶ୍ରଙ୍କ ଅଭିଯୋଗ ମୁତାବକ, ୧୧ହଜାର ଟଙ୍କା ବାକି ପଡ଼ିଥିଲା । ତୁରନ୍ତ ପୈଠ କରା ନଗଲେ ଲାଇନ୍ କାଟି ଦିଆଯିବ ବୋଲି ସେମାନେ ଧମକ ଦେଇଛନ୍ତି । ଲାଗିଥିବା ମିଟର ଚାଲୁଥିଲେ ମଧ ତାକୁ ଜବରଦସ୍ତି ବାହାର କରି ଚାଇନା ମିଟର ଲଗାଇ ଦେଇଛନ୍ତି । ଯେଉଁଥିରେ ବିଲ୍ ଅଧିକ ଆସୁଛି । ଏହିଭଳି ହଜାର ହଜାର ଅଭିଯୋଗ ପ୍ରତିଦିନ ପାର୍ଟି ପାଖରେ ପହଞ୍ଚୁଛି । ସରକାର ଯଦି ଏଥିରେ ହସ୍ତକ୍ଷେପ ନ କରନ୍ତି, ତାହେଲେ ଆଗାମୀ ଦିନରେ ଏହି ଜନଅସନ୍ତୋଷ ଆନ୍ଦୋଳନ ରୂପ ନେବ ବୋଲି ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି ।

ଚଳିତ ମାସର ଶେଷ ସପ୍ତାହ ସୁଦ୍ଧା ଓଇଆରସି ୨୦୨୨- ୨୩ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଉପରେ ନିଷ୍ପତ୍ତି ଶୁଣାଇବାର ସମ୍ଭାବନା ରହିଛି । ଯଦି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଏ, ତା’ହେଲେ ଭୟଙ୍କର ପରିସ୍ଥିତି ଉପୁଜିବ । ଆଗାମୀ ବିଧାନସଭା ଅଧବେଶନ ସମୟରେ ବିଜୁଳି ସଂସ୍କାର ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ହେବାର ଆବଶ୍ୟକତା ରହିଛି । ରାଜ୍ୟ ସରକାର ଓ ଓଇଆରସି କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ନୋଡାଲ ଅଫିସର ନିଯୁକ୍ତି କରିବା ସହ ଏକ ଦେୟମୁକ୍ତ ଟୋଲ ଫ୍ରି’ ନମ୍ବର ଜାରି କରି ଉପଭୋକ୍ତଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ଭୁବନେଶ୍ୱର ମହାନଗର ନିଗମର ୬୭ ୱାର୍ଡରେ ବିଜେପି ପ୍ରାର୍ଥିନୀଙ୍କ ପ୍ରଚାର

ଭୁବନେଶ୍ୱର,୨୧/୦୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୬୭ରେ ବିଜେପି କର୍ପୋରେଟର ପ୍ରାର୍ଥିନୀ ମଧୁସ୍ମିତା ପ୍ରଧାନ ପ୍ରଚାର ଜୋରଦାର ଆରମ୍ଭ କରିଛନ୍ତି । ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ତଥା ଏକାମ୍ର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ, ଭୁବନେଶ୍ୱର ମେୟର ପ୍ରାର୍ଥିନୀ ଡ.ସୁନୀତି ମୁଣ୍ଡ ଓ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରଧାନ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ ସୁନ୍ଦରପଦା ଗ୍ରାମରେ ଏକ ବିରାଟ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ । ଆଜିର ଏହି ପଦଯାତ୍ରାରେ ଗ୍ରାମର ସମସ୍ତ ଜନସାଧାରଣ ବିପୁଳ ସମର୍ଥନ ଦେଇଥିଲେ । ଭୁବନେଶ୍ୱର ମହାନଗର ନିଗମରେ ଏହି ୱାର୍ଡଟି ଯାଉଥିଲେ ମଧ ଆଜି ପର୍ଯ୍ୟନ୍ତ ସାଧାରଣ ମୌଳିକ ସମସ୍ୟାର ସମାଧାନ ହୋଇନାହିଁ ଜନସାଧାରଣଙ୍କର । ଗ୍ରାମରେ ଖେଳ ପଡ଼ିଆ ନାହିଁ, ଡ୍ରେନ ନାହିଁ, ସ୍ୱରେଜ ବ୍ୟବସ୍ଥା ନାହିଁ, ଗ୍ରାମର ସବୁଠୁ ବଡ଼ ପୋଖରୀ ହଜ ଆଜି ଅପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଗ୍ରାମର ଜଳ ନିଷ୍କାସନ ସମସ୍ୟା ସମାଧାନ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଡ୍ରେନେଜ ସମସ୍ୟା ସମାଧାନ, ପାର୍କ, କାମ୍ୟୁନିଟି ସେଂଟର, ବସ୍ତି ବାସିନ୍ଦାଙ୍କୁ ଥଇଥାନ ପ୍ରଭୃତି ପ୍ରତିଶ୍ରୁତି ନେଇ ଲୋକଙ୍କ ପାଖରେ ପହଂଚି ଥିଲେ ମଧୁସ୍ମିତା ।

# ନିର୍ବାଚନରେ ଘର ସାଜିଛି ପ୍ରମୁଖ ପ୍ରସଙ୍ଗ :ଜାଗା ମିସନ୍ ବନାମ ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର ,୨୧/୦୩ (ନି.ପ୍ର): କୁହାଯାଏ ଯାହା ମୁଣ୍ଡ ଉପରେ ଛାତ ଅଛି ତା’ର ଅଧା ଚିନ୍ତା ନାହିଁ । ଖାସ୍ କରି ସହରାଞ୍ଚଳରେ ଯଦି କାହାର ଘରଟିଏ ଅଛି ତେବେ ତା’ର ଚଳିବାର ବିଶେଷ ଅସୁବିଧା ହେବନି । ଏବେ ଏହି ଘରକୁ ନେଇ ବିଜେପି ଓ ବିଜେଡି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସହରରେ ପ୍ରଚାର ପାଇଁ ବହୁ ପ୍ରସଙ୍ଗ ଥିଲେ ବି ଦଳଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ବ୍ରହ୍ମାସ୍ତ୍ର ସାଜିଛି ଏହି ଘର ଯୋଜନା । ବିଜେଡି ଜାଗା ମିସନରେ ଜମି ଓ ଘର ଦେଉଛି ବୋଲି କହୁଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେଉଛି ବୋଲି ବିଜେପି କହୁଛି । ଯାହାକୁ ମିଳିନି ସିଏ କ୍ଷମତାକୁ ଆସିଲେ ତୁରନ୍ତ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ।

ପୌର ନିର୍ବାଚନରେ ଅଧିକାଂଶ ସ୍ଥାନରେ ବିଜେପି-ବିଜେଡି ମଧରେ ସିଧାସଳଖ ଲଢ଼େଇ ହେଉଥିବା ବେଳେ ଦୁଇ ଦଳ ଏବେ ଏହି ପ୍ରସଙ୍ଗକୁ ପ୍ରମୁଖ ବିଷୟ କରିଛନ୍ତି । ବିଶେଷକରି ସହରାଞ୍ଚଳରେ ବାସହରା ଭୋଟରଙ୍କ ସଂଖ୍ୟା ଅଧିକ ଥିବାରୁ କିଏ କେତେ ଘର ଯୋଗାଇଛନ୍ତି, କେତେ ଘର ଦେଇପାରିବେ, ଘର ଯୋଗାଣରେ କ’ଣ ଅସୁବିଧା ରହିଛି ସେନେଇ ପ୍ରଚାର କରୁଛନ୍ତି ।

ବିଜେଡିର ପ୍ରଚାରରେ ଜାଗା ମିସନ୍‌ରେ ଜମି ଓ ଘର ଯୋଗାଣକୁ ଅଗ୍ରାଧିକାର ଦିଆଯାଉଛି । ଏନ୍‌ଏସି, ମ୍ୟୁନିସପାଲଟି, ମହାନଗର ନିଗମରେ କେଉଁ ଅଞ୍ଚଳରେ କେତେ ଲୋକଙ୍କ ଜମି ଓ ଘର ମିଳିଛି ତାହା ବିଜେଡି ନେତା ପ୍ରଚାର କରୁଛନ୍ତି । କିଛି ସହରାଞ୍ଚଳରେ ଲୋକଙ୍କୁ ଜମି ପଟ୍ଟା ମିଳିଥିବା ବେଳେ ସେଥିରୁ କିଛି ଲୋକଙ୍କୁ ଘର ବି ମିଳିସାରିଲାଣି ତେଣୁ ଏହାକୁ ନେଇ ଦଳୀୟ ନେତା ପ୍ରଚାର କରୁଛନ୍ତି ।

ବିଜେଡିର ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ଆମେ ଜାଗା ମିସନ ଏବଂ ବିଭିନ୍ନ ଯୋଜନାରେ ବାସହରାଙ୍କୁ ୫୦ହଜାରରୁ ଅଧିକ ଲୋକଙ୍କୁ ଘର ଯୋଗାଇଲୁଣି । ସହରାଞ୍ଚଳରେ ଆସନ୍ତା ଦୁଇ ବର୍ଷରେ ସବୁ ବାସହରାଙ୍କୁ ଘର ମିଳିବ । ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ରାଜ୍ୟ । ତେଣୁ ଏହାକୁ ଆମେ ପ୍ରମୁଖ ପ୍ରସଙ୍ଗ କରିଛୁ । କେବଳ ଏତିକି ନୁହେଁ, ଏବେ ସହରାଞ୍ଚଳରେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବହୁ ପ୍ରକଳ୍ପ ହେଉଛି । ବର୍ଷକ ମଧରେ ସବୁ ଘରକୁ ପାଣି ଯୋଗାଣ ହେବ । ୧୧୬ଟି ସହରାଞ୍ଚଳରେ ଇନଡୋର୍ ଷ୍ଟାଡିୟମ ହେଉଛି । ଯାହାକୁ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରିବେ । ସରକାରୀ ଭଡାରୁ ଆରମ୍ଭ କରି ରାସନ୍ ପର୍ଯ୍ୟନ୍ତ ସବୁ ସୁବିଧାରେ ମିଳୁଛି । ସବୁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ୍ ଲାଗୁଛି । ଗ୍ରାମାଞ୍ଚଳ ପରି ସହରାଞ୍ଚଳରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀକୁ ସଶକ୍ତ କରିବାକୁ ଋଣ ଦିଆଯାଉଛି । ଆମେ ଲୋକଙ୍କ ପାଖରେ ପହଞ୍ଚି ସେବା ଯୋଗାଉଥିବାରୁ ତାହାକୁ ଏବେ ପ୍ରଚାର କରୁଛୁ ।

ଅପରପକ୍ଷେ ବିଜେପି ନେତାମାନେ ପ୍ରଚାରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହୁଥିଲେ ହେଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ଶୀଘ୍ର ଘର ମିଳିବ ସେନେଇ ପ୍ରତିଶ୍ରୁତି ଦେଉଛନ୍ତି । ବିଜେପିର ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ ଏବେ ଲୋକଙ୍କୁ ଘର ମିଳିପାରୁନି । ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଲକ୍ଷ ଲକ୍ଷ ବାସହରା ଥିବାବେଳେ ରାଜ୍ୟ ସରକାର ୧,୮୫,୧୫୨ଜଣଙ୍କୁ ଘର ଦେବାକୁ ତାଲିକା ପ୍ରସ୍ତୁତ କରିଛନ୍ତି । ଏଥିରୁ ୪୯,୯୧୩ଜଣଙ୍କୁ ପିଏମ୍‌ଏୱାଇରେ ଘର କରିଥିବା କହୁଥିଲେ ହେଁ ବହୁ ଲୋକଙ୍କୁ ଘର ମିଳିନି । ଏବେବି ୧,୩୫,୨୩୯ ଜଣଙ୍କୁ କେବେ ଘର ମିଳିବ କହିପାରୁନାହାନ୍ତି । କେନ୍ଦ୍ର ସରକାର ୩ଲକ୍ଷ ଟଙ୍କା ଘର ନିର୍ମାଣ ପାଇଁ ଦେଉଥିବାବେଳେ ଏଥିରେ ରାଜ୍ୟ ସରକାର ଓ ହିତାଧିକାରୀ କିଛି ଅର୍ଥ ଋଣ ଆକାରରେ ଦେଇ ଏହାକୁ ୫ଲକ୍ଷ ଟଙ୍କା କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ହେଲେ ରାଜ୍ୟ ସରକାର ଏହାକୁ ଗ୍ରହଣ କରୁନାହାନ୍ତି । ଫଳରେ ବହୁ ଅଞ୍ଚଳରେ ହିତାଧିକାରୀ ଜମି ଓ ଘର ପାଇଁ ଟଙ୍କା ପାଉଥିଲେ ବି ଘର କରିପାରୁନାହାନ୍ତି । କେବଳ ଏତିକି ନୁହେଁ ଜଣଙ୍କର ଜମି ପଟ୍ଟା ଥିଲେ ହିଁ ସେ ପିଏମ୍‌ୱାଇ ହିତାଧିକାରୀ ହୋଇପାରିବ । ତେଣୁ ରାଜ୍ୟ ସରକାର ଜାଗା ମିସନ୍‌ରେ ପଟ୍ଟା ଦେବା ଆଳରେ ଘର ଦେଉଛନ୍ତି ବୋଲି ମିଛ ପ୍ରଚାର କରୁଛନ୍ତି ।

ଏପରିକି ସ୍ମାର୍ଟ ସିଟି, ଅମୃତ ଯୋଜନା ଭଳି ଯୋଜନାକୁ ନିଜର ଯୋଜନା କହି ବୁଲୁଛନ୍ତି । ଏହାବାଦ୍ କେନ୍ଦ୍ର ସରକାରଙ୍କ ସ୍ୱନିଧି ଯୋଜନାରେ ଉଠା ଦୋକାନୀଙ୍କୁ ୧୦ହଜାର ଟଙ୍କା ଲେଖାଏଁ ମିଳିଛି । ଏନେଇ ଆମେ ବ୍ୟବସାୟୀଙ୍କୁ ବୁଝାଉଛୁ । ରାଜ୍ୟ ସରକାର କିପରି କେନ୍ଦ୍ର ସରକାରଙ୍କ ଯୋଜନାକୁ ବାଟବଣା କରି ପ୍ରଚାର କରୁଛନ୍ତି ସେନେଇ ଆମେ ଲୋକଙ୍କୁ ବୁଝାଉଛୁ ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୪୦ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୧/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୪୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧରୁ ୨୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧରୁ ୮ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ଗତ ୨୪ ଘଣ୍ଟା ମଧରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, ବୌଦ୍ଧରୁ ୩ ଜଣ, ଗଜପତିରୁ ୯ ଜଣ, ଗଞ୍ଜାମ ଜିଲ୍ଲାରୁ ୧, ଯାଜପୁରରୁ ୭ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧାରୁ ୪ ଜଣ, କୋରାପୁଟରୁ ୬ ଜଣ, ମୟୂରଭଞ୍ଜରୁ ୪ ଜଣ, ସମ୍ବଲପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୧୯୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୭, ୪୨୪ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬୦୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

ବାଲେଶ୍ୱର, ମଙ୍ଗଳବାର, ୨୨ ମାର୍ଚ୍ଚ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ସମଲେଶ୍ୱରୀ ମନ୍ଦିର ବିକାଶ କାମର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ରାଜ୍ୟର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ଫାଇଭ ଟି ସଚିବ ଭିକେ ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଯାଇ ସେଠାରେ ସମଲେଶ୍ୱରୀ ମନ୍ଦିର ବିକାଶ କାମର ସମୀକ୍ଷା କରିଥିବା ଜଣା ପଡିଛି । ଏହି ଉଚ୍ଚ ସଚିବ ସ୍ତରୀୟ ଟିମ ସମ୍ବଲପୁରରେ ପହଂଚି ପ୍ରଥମେ ମା ସମୁଲେଇ ଙ୍କ ଦର୍ଶନ ସହିତ ପ୍ରକଳ୍ପପାଇଁ ବିସ୍ଥାପିତ ହେବାକୁ ଥିବା ଅଂଚଳ ନିରୀକ୍ଷଣ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜନବସତି କୁ ସ୍ଥାନାନ୍ତରଣ କରି ଦୁର୍ଗାପାଲି ଠାରେ ନିର୍ମାଣଧୀନ କଲୋନୀ କୁ ଅବସ୍ଥାପିତ କରାଯିବ । ସେଠାରେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସୁବିଧା ଯୋଗେଇ ଦିଆଯିବ। ଏହି ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଜିଲ୍ଲା ଓଡିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଅର୍ଥନୀତି କ୍ଷେତ୍ରରେ ରେ ସୁଦୃଢ ହେବ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଅଗଣିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ମନ୍ଦିର ପାରିପାର୍ଶ୍ୱ ବୁଲିବା ପରେ ଟିମ ଦୁର୍ଗାପାଲି ଗସ୍ତ କରି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ବାସିନ୍ଦାଙ୍କ ପାଇଁ ନିର୍ମାଣ କରାଯାଉଥିବା କଲୋନୀ ବୁଲି ଦେଖିଛନ୍ତି । ଏବଂ କାମ ଗୁଡିକ ତୁରନ୍ତ ସାରିବା ସହ ଅନ୍ୟାନ୍ୟ ଅନୁସଙ୍ଗିକ ବ୍ୟବସ୍ଥା ଯଥାଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ନିର୍ମାଣ ସ୍ଥଳୀରେ ବିସ୍ଥାପନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ସାରିଛି ଏବଂ ଏପ୍ରିଲ ପ୍ରଥମ ସପ୍ତାହରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ବର୍ଷ ମଧ୍ୟଭାଗ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରଖାଯାଇଛି । ଏହି ପରିଦର୍ଶନରେ ଉତରାଂଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ସମ୍ବଲପୁର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ସହିତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୫-ଟି ଅଧୀନରେ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ସମ୍ବଲପୁରର ମା' ସମଲେଇଙ୍କ ମନ୍ଦିର ଅଂଚଳର ବିକାଶ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ସମଲେଶ୍ୱରୀଙ୍କ ପୀଠ ତଥା ଆଖପାଖର ୧୦୮ ଏକର ଜମିରେ ବିକାଶ କରାଯାଉଛି ।

## ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ପ୍ରିତମ ଆଚାର୍ଯ୍ୟଙ୍କ ଦ୍ୱିତୀୟ ସ୍ଥାନ ଅଧିକାର



ବାଲେଶ୍ୱର, ୨୧/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା, ବାଲେଶ୍ୱର ବ୍ଲକ୍, ଚାଙ୍ଫଲା ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ବିଭୂତି ଭୂଷଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଣ୍ଡାରୀପଲ୍ଲୀର ଛାତ୍ର ପ୍ରିତମ ଆଚାର୍ଯ୍ୟ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଜଳେଶ୍ୱର ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ତୃତୀୟ ଶ୍ରେଣୀର ବୃତ୍ତି ପାଇବା ସହିତ ବିଦ୍ୟାଳୟ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି । ସେ ଚେଙ୍ଗଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିବେକାନନ୍ଦ ଆଚାର୍ଯ୍ୟଙ୍କ ନାତି ତଥା କାର୍ଯ୍ୟରତ ଶିକ୍ଷକ ଶ୍ରୀଯୁକ୍ତ ମାନସ ରଞ୍ଜନ ଆଚାର୍ଯ୍ୟ ଓ ଗୃହିଣୀ ଶ୍ରୀମତୀ ଦେବଯାନୀ ଆଚାର୍ଯ୍ୟଙ୍କ ସୁପୁତ୍ର ଅଟନ୍ତି । ସଫଳତା ପାଇଁ ସେ ପିତାମାତା, ଗୁରୁଜନ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ନିଜର କଠିନ ପରିଶ୍ରମ ଫଳରେ ଏହା ସମ୍ଭବ ବୋଲି ପ୍ରକାଶ କରିଛନ୍ତି ।

## ନନ୍ଦନକାନନରେ ଧଳା ବାଘ ଶାବକର ମୃତ୍ୟୁ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ନନ୍ଦନକାନନରେ ବାଘୁଣୀ ରୁପାର ଧଳା ଶାବକର ମୃତ୍ୟୁ ହୋଇଛି । ଶାବକଟି ୧୦ ଦିନର ହୋଇଥିଲା । ରବିବାର ଶାବକଟି ହଠାତ ଅସୁସ୍ଥ ହୋଇପଡିଥିଲା । ତାର ପେଟ ଫମ୍ପେଇବା ସହିତ ଠିକରେ ଖାଦ୍ୟ ହଜମ ହୋଇନଥିଲା । ଅପରାହ୍ନରେ ଓୟୁଏଟିର ପ୍ରଫେସରଙ୍କ ପରାମର୍ଶ କ୍ରମେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପଶୁ ଚିକିତ୍ସକ ତାର ଚିକିତ୍ସା ଆରମ୍ଭ କରିଥିଲେ । କିନ୍ତୁ ସନ୍ଧ୍ୟାରେ ତାର ମୃତ୍ୟୁ ହୋଇଛି । ଏହାପରେ ନନ୍ଦନକାନନରେ ମୋଟ ବାଘଙ୍କ ସଂଖ୍ୟା ୨୮ କୁ ହ୍ରାସ ପାଇଛି । ଗତ ୧୧ ତାରିଖରେ ବାଘୁଣୀ 'ରୁପା' ତିନିଟି ଶାବକ ଜନ୍ମ ଦେଇଥିଲା ।

## ନିର୍ବାଚନ ପୂର୍ବରୁ ଗ୍ୟାରେଣ୍ଟି କାର୍ଡ଼ ଖୋଲିଲେ ଆପ କର୍ମକର୍ତ୍ତା

ବାଲେଶ୍ୱର,୨୧/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନରେ ଆମ ଆଦମି ପାର୍ଟି (ଆପ) ପ୍ରାର୍ଥୀ ନିର୍ବାଚିତ ହେଲେ ବାଲେଶ୍ୱରକୁ ଦିଲୀ ଏବଂ ପଞ୍ଜାବ ଭଳି ଏକ ମଡେଲ ସହରରେ ପରିଣତ କରିବ ବୋଲି ଦଳୀୟ କର୍ମକର୍ତ୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏଥିରେ ଆମ ଆଦ୍ମୀ ପାର୍ଟିର ଜିଲା ସଭାପତି ସ୍ୱର୍ଣ୍ଣ ଭାରତ ମଲ୍ଲିକଙ୍କ ସମେତ ପାର୍ଟିର ଅନ୍ୟ ସଦସ୍ୟ/ସଦସ୍ୟାମାନେ ଯୋଗଦେଇ ଏହି ଗ୍ୟାରେଣ୍ଟି କାର୍ଡର ଉପସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରକୁ ଦିଲ୍ଲୀର ମହଲ୍ଲା କ୍ଲିନିକ ଢାଞ୍ଚାରେ ପ୍ରତି ୱାର୍ଡରେ 'ୱାର୍ଡ କ୍ଲିନିକ୍'ର ବ୍ୟବସ୍ଥା କରାଯିବା, ପରିମଳ ସେବା ପାଇଁ ସରକାର ନେଉଥିବା



ଶୁଳ୍କ ସମ୍ପୂର୍ଣ୍ଣ ଛାଡ କରାଯିବା, ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା କରାଯିବା, ପୌରପାଳିକାର ନିଜସ୍ୱ ଆମ୍ବୁଲାନ୍ସ ସେବା କାରାଯିବା, ପୌରପାଳିକାରୁ ପ୍ରାପ୍ତ ସମସ୍ତ ପ୍ରମାଣପତ୍ର ଘରେ ବସି ପାଇପାରିବାର ବ୍ୟବସ୍ଥା କରିବା, ଜନସଭା ଦ୍ୱାରା ୱାର୍ଡ଼ର ବିକାଶମୂଳକ କାର୍ଯ୍ୟର ବ୍ୟୟ ନିର୍ଦ୍ଧାରିତ ହେବା, ପ୍ରତ୍ୟେକ ୩ ମାସରେ ପୌରବାସୀଙ୍କୁ ଆୟ-ବ୍ୟୟର ବିବରଣୀ ଦିଆଯିବା, ପ୍ରତ୍ୟେକ ୱାର୍ଡରେ ପାନୀୟଜଳ ପଏଣ୍ଟର ବ୍ୟବସ୍ଥା କରାଯିବା, ସହରର ସମସ୍ତ ପୋଖରୀ ଓ ଖେଳପଡିଆର ପୁନରୁଦ୍ଧାର କରାଯିବା ସହିତ ସୌନ୍ଦର୍ଯ୍ୟୀକରଣ କରିବା, ଯୁବଗୋଷ୍ଠୀ ପାଇଁ ୬ ମାସ ଅନ୍ତରାଳରେ ନିଯୁକ୍ତି ଭିତ୍ତିକ କର୍ମଶାଳା କରିବା, ଅତ୍ୟାଧୁନିକ ସାଂସ୍କୃତିକ ସମ୍ମିଳନୀ କକ୍ଷ ନିର୍ମାଣ କରିବା, ମ୍ୟୁନିସିପାଲିଟିର ପରିସର ଭିତରେ ସହରବାସୀଙ୍କ ଗମନାଗମନ ପାଇଁ ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା ଆଦି କରାଯିବା ନେଇ ଏକ ଗ୍ୟାରେଣ୍ଟି କାଡ଼ ପାର୍ଟିର ସଦସ୍ୟମାନେ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୯ନଂ ୱାର୍ଡର ଆପ କାଉନସିଲର ପ୍ରାର୍ଥୀ କାହ୍ନୁଚରଣ ଲେଙ୍କା, ୨୭ନଂ ୱାର୍ଡର କାଉନସିଲର ପ୍ରାର୍ଥୀ ସଫିଉଲ୍ଲା, ଚେୟାରମ୍ୟାନ୍ ପ୍ରାର୍ଥିନୀ ସବିତା ରାଣୀ ଦାସ, ମହେଶ ଖଣ୍ଡେଲୱାଲ, ନିକୁଞ୍ଜ ବିହାରୀ ମହାନ୍ତି, ସ୍ୱର୍ଣ୍ଣପ୍ରଭା ମହାନ୍ତି, ବାସନ୍ତୀ ଲତା ରାଉତ, ସ୍ନେହାଞ୍ଜଳୀ ସୁବୁଧି, ସୁଜୟ ଆଚାର୍ଯ୍ୟ, ମଧୁସୂଦନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଲାୟନ୍ସ ଜିଲ୍ଲା ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଲାୟନ୍ସ ଜିଲ୍ଲା ୩୨୨ସି୪ର ଗଭର୍ଣ୍ଣର ଲାୟନ ପୂର୍ଣ୍ଣଚନ୍ଦ୍ର ପାଢୀ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର କାର୍ଯ୍ୟକଳାପ ପରିଦର୍ଶନ କରିଥିଲେ। ସର୍ବପ୍ରଥମେ ସେ କ୍ଲବର ସଭ୍ୟମାନଙ୍କ ସହ ଘାଟିକିଆରେ ଥିବା ଦୃଷ୍ଟିହୀନ, ମୂକ, ବଧୀର ବିଦ୍ୟାଳୟରେ ଶୁଖିଲା ଖାଦ୍ୟସାମଗ୍ରୀ ବଂଟନ କରିଥିଲେ ଏବଂ ଆମ୍ରି ହସ୍ପିଟାଲସ୍ଥିତ ଅସହାୟ କେନ୍ଦ୍ର ନିମାଂଶଠାରେ ମଧ୍ୟାହ୍ନ ଭୋଜନକୁ ନିଜ ହସ୍ତରେ ଅନ୍ତେବାସୀଙ୍କୁ ଆପ୍ୟାୟିତ କରିଥିଲେ। ସନ୍ଧ୍ୟାରେ ଗଭର୍ଣ୍ଣର ଲାୟନ ପାଢୀ ଶତାଧିକ ଲାୟନ ସଭ୍ୟମାନଙ୍କ ଗହଣରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସଭାପତି ଲାୟନ କୁନାଲ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ପାଦକ ଲାୟନ ଦେବାଶିଷ ପଟ୍ଟନାୟକ କ୍ଲବର ବିବରଣୀ ପାଠ କରିଥିଲେ। ଲାୟନ ମହେନ୍ଦ୍ର ପାତ୍ର, ଲାୟନ ନିର୍ମଳ ବେହେରା ଓ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର ଲାୟନ ସୁରେଶ ଚନ୍ଦ୍ର ନାୟକ ଏବଂ ବହୁ ଲାୟନ ସଭ୍ୟମାନଙ୍କ ଉପସ୍ଥିତିରେ ଲାୟନ ପାଢୀ କ୍ଲବର କାର୍ଯ୍ୟକଳାପ ଉପରେ ଆଲୋକପାତ କରି ଭୂୟସୀ ପ୍ରଶଂସା କରିଥିଲେ।

## ଲକ୍ଷାଧିକ ଶାଗୁଆନ୍ କାଠ ସହ ପିକ୍ଅପ୍ ଜବତ୍ କଲା ପୁଲିସ୍

ଜଳେଶ୍ୱର, ୨୧/୩ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ୧୪ଟି ପଂଚାୟତ ଜଂଗଲିଆ ଓ ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନା ଅନ୍ତର୍ଗତ । ଏହି ଅଂଚଳରୁ ପ୍ରତିଦିନ ବହୁ ଜଂଗଲଜାତ ଦ୍ରବ୍ୟ ଓ ମୂଲ୍ୟବାନ କାଠ ପଶ୍ଚିମବଂଗକୁ ଚାଲାଣ ହୋଇ ଆସୁଛି । ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ଘରୋଇ କାଠପୋଲ ନିର୍ମାଣ କରି କାଠ ମାଫିଆମାନେ ରାଇବଣିଆ ଓ ଓଡିଶାର ବିଭିନ୍ନ ଅଂଚଳରୁ କାଠ ପଶ୍ଚିମବଂଗକୁ ସିଧା ଚାଲାଣ କରୁଛନ୍ତି । ଏ ସମ୍ପର୍କରେ ଜଂଗଲ ବିଭାଗ ନିକଟରେ ଖବର ଥିଲେ ମଧ୍ୟ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । କିନ୍ତୁ ରାଇବଣିଆ ଥାନାରେ ନୂତନ ଥାନା ଅଧିକାରୀ ଯୋଗ ଦେବାପରେ ଚୋରା ବାଲିଗାଡି ଓ କାଠଗାଡି ଜବତ୍ ହେବାରେ ଲାଗିଛି । ଗତ ରବିବାର ପୁଲିସ୍ ଓଆର୍୦୧ପି-୪୦୩୮ ଟ୍ରାକ୍ଟର କୁ ସନ୍ଦେହରେ ଜବତ୍ କରିଛି । ସେଥିରୁ ଲକ୍ଷାଧିକ ଟଙ୍କାର ସାଗୁଆନ୍ କାଠ ଜବତ୍ ହୋଇଥିବା ବେଳେ ୧୧୭/୨୨ରେ ଏକ ମାମଲା ରୁଜୁ ହୋଇଛି । ଥାନା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ, ଡ୍ରାଇଭର ଅବନୀ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଟ୍ରାକ୍ଟରେ ଉପରେ ଆକାସିଆ କାଠ ଲଦା ଯାଇଥିବା ବେଳେ ଭିତରେ ସାଗୁଆନ୍ କାଠ ଚାଲାଣ ହୋଇ ଆସୁଥିବାରୁ ପୁଲିସ୍ ନଜରକୁ ଆସିଥିବା ପ୍ରକାଶ । ରାଇବଣିଆ ଅଂଚଳରୁ କେବଳ କାଠ ନୁହେଁ, ମୋରମ୍, ପଥର, ମାଟି ମଧ୍ୟ ପଶ୍ଚିମବଂଗକୁ ପ୍ରତିଦିନ ଚାଲାଣ ହୋଇ ଆସୁଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପ୍ରତିଟି ଓଡିଆ ପରିବାରର ହାଣ୍ଡିଶାଳ ପଖାଳ ବିନା ଅଧୁରା

ବାରିପଦା, ୨୧/୦୩ (ନି.ପ୍ର): ପଖାଳ ହେଉଛି ଓଡିଆ ଜାତିର ପାରମ୍ପାରିକ ଖାଦ୍ୟ । ଧନୀ ହେଉ କି ଗରିବ ହେଉ କୁଡିଆରୁ ନେଇ ପଞ୍ଚତାରକା ହୋଟେଲ ପର୍ଯ୍ୟନ୍ତ ସବୁଠି ଏହାର ବେଶ ଚାହିଦା ରହିଛି । ତେବେ ପୂର୍ବରୁ କେବଳ ଗରିବ ଆଉ ମଧ୍ୟବିତଙ୍କ ମୁଖ୍ୟ ଖାଦ୍ୟ ଭାବେ ପରିଗଣିତ ହେଉଥିବା ପଖାଳ ଆଉ କୁଡିଆରେ ସିମୀତ ହୋଇ ରହିନି । ଏହା ଏବେ ପଞ୍ଚତାରକା ହୋଟେଲର ଏସି ରୁମରେ ବି ଜମାଇ ସାରିଲାଣି ନିଜର ଆଧିପତ୍ୟ । କେବଳ ସେତିକି ନୁହେଁ, ଏବେତ ଏହା କେବଳ ରାଜ୍ୟ ଭିତରେ ବି ନୁହେଁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ସାରା ବିଶ୍ୱ ଦରବାର ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ବି ସକ୍ଷମ ହୋଇ ସାରିଲାଣି । ଓଡିଆର ଏହି ପାରମ୍ପାରିକ ଖାଦ୍ୟ ପଖାଳ ଆଉ ଏହାର ମହନୀୟତା କୁ ମନେ ପକାଇଦେବା ପାଇଁ ୨୦୧୫ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖ କୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହିପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସଂଘ ପକ୍ଷରୁ ସାମ୍ବାଦିକ ମାନେ ବାରିପଦାର ହୋଟେଲ ମୟୂରଭଞ୍ଜ ଠାରେ ପାଳନ କରିଛନ୍ତି ବିଶ୍ୱ ପଖାଳ ଦିବସ । ଭିନ୍ନଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ପ୍ରତିନିଧି ମାନେ ଏକାଠି ହୋଇ ପଖାଳ ଦିବସକୁ ପାଳନ କରିଛନ୍ତି । ନିଜ ନିଜର ବ୍ୟସ୍ତ କର୍ମମୟ ଜୀବନରୁ ସମୟ ବାହର କରି ସମସ୍ତେ ଏକାଠି ହୋଇ ପଖାଳ ଖାଇ ପାଳନ କରିଛନ୍ତି ଏହି ପଖାଳ ଦିବସ ।

## ଗାଳ୍ପିକ ମୁନିଲକ୍ଷଲ ମହାନ୍ତଙ୍କ ପୁସ୍ତକ 'ସ୍ମୃତି ଓ ଅନୁଭୂତି' ଲୋକାର୍ପିତ



ବାରିପଦା, ୨୧/୦୩ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ତଥା ଶିକ୍ଷାବିତ ମୁନିଲକ୍ଷଲ ମହାନ୍ତ ଙ୍କ ଗଳ୍ପ ସଂକଳନ 'ସ୍ମୃତି ଓ ଅନୁଭୂତି 'ବାରିପଦା ରୋଟାରୀ ଭବନ ପରିସରରେ ଲୋକାର୍ପିତ ହୋଇଯାଇଛି । ପଦ୍ମଶ୍ରୀ ଡ଼ଃ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଟିକୁ ଲୋକାର୍ପଣ କରିବା ସହ ଗାଳ୍ପିକ ଙ୍କ ମହନୀୟ ଉଦ୍ୟମ କୁ ପ୍ରଶଂସା କରିଥିଲେ । ଲେଖକ ମୁନିଲକ୍ଷଲ ମହାନ୍ତ ନିଜର ଲେଖକୀୟ ଅନୁଭୂତି କୁ ଅତିସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ । ଡ଼ଃ ସୁଶାନ୍ତ କୁମାର ବସା ସ୍ୱାଗତ ଭାଷଣ ଦେଇଥିଲେ। ଡ଼ଃ ପ୍ରଫୁଲ୍ଲ ପଣ୍ଡା, ପ୍ରବୋଧ ମହାପାତ୍ର, ଶିକ୍ଷକ ଅମିତାଭ ମିଶ୍ର, ପ୍ରମୁଖ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଡ଼ଃ ସରୋଜ ନାୟକ, ପ୍ରତିଭା ଷଡଙ୍ଗୀ, ପୁଷ୍ପରାଣୀ ଶତପଥୀ, ଭାରତୀ ମହାନ୍ତି,ପ୍ରତିଭା ଦାଶ, ରତିକାନ୍ତ ମହାନ୍ତ, ଶଶାଙ୍କ ଶେଖର ନାରାୟଣ ଦ୍ୱେ, ସୁଶାନ୍ତ କୁମାର ଦାସ ଅଧିକାରୀ ପ୍ରମୁଖ ଲୋକାର୍ପଣ ସମାରୋହ ରେ ଉପସ୍ଥିତ ଥିଲେ ।ପୁସ୍ତକ ରେ ୩୮ଟି କ୍ଷୁଦ୍ର ଗଳ୍ପ ସ୍ଥାନିତ ହୋଇଛି ଯାହାକି ନିଶ୍ଚିତ ଭାବେ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମତପ୍ରକାଶ ପାଇଥିଲା ।

## ଜେଲ୍ ଗଲେ ନିରଞ୍ଜନ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାରେ ଜେଲ୍ ଗଲେ ପୂର୍ବତନ ଓଆଇଏସ୍ ଅଫିସର ତଥା ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ନିରଞ୍ଜନ ସେଠୀ । ଗିରଫ ପରେ ତାଙ୍କୁ ଆଜି ସଂଧ୍ୟାରେ କୋର୍ଟରେ ହାଜର କରାଯାଇଥିଲା । ଭଦ୍ରକ ଜେଏମଏଫସି କୋର୍ଟରେ ଜାମିନ ଆବେଦନ ଖାରଜ ପରେ ନିରଞ୍ଜନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଜଳେଶ୍ୱର ପୌର ପାଳିକା ନିର୍ବାଚନରେ କଂଗ୍ରେସର ପ୍ରଚାର

ଜଳେଶ୍ୱର, ୨୧/୩ (ନି.ପ୍ର): ଏବେ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦାମ ହୁ ହୁ ହୋଇ ବଢୁଥିବା ବେଳେ କଂଗ୍ରେସ ଅମଳର କେତେକ ଯୋଜନାକୁ ନାମରେ ରୂପାନ୍ତରିତ କରି କେନ୍ଦ୍ର ଓ ରାଜ୍ୟ ସରକାର ବାହାବା ନେଉଛନ୍ତି । ସେହିପରି କୃଷକ ତାର ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଂଚିତ ହେଉଛି । ତେଣୁ ପୌର ନିର୍ବାଚନରେ ବିଜେପି ଓ ବିଜେଡି ଦଳକୁ ପ୍ରତ୍ୟାକ୍ଷାନ କରିବାକୁ ବାଲେଶ୍ୱର ଜିଲାର ଜଳେଶ୍ୱର ପୌର ନିର୍ବାଚନୀ ସଭାରେ କଂଗ୍ରେସର ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱରର ଅଲାଲପୁର, ୩ନଂ ୱାର୍ଡର ପୀରବାବା ଆସ୍ଥାନ, ନହଞ୍ଜରା, ନନ୍ଦିକା ଇତ୍ୟାଦି ଠାରେ କଂଗ୍ରେସର ମାରାଥନ ନିର୍ବାଚନ ପ୍ରଚାର ହୋଇ ଯାଇଛି । ଉପରୋକ୍ତ ସଭାଗୁଡିକରେ ଟାଉନ୍ ସଭାପତି ଗିରିଜା ଶଂକର ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ରାଜ୍ୟ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନନଗୋ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଅପାରଗତା ଯୋଗୁଁ ଡିଜେଲ, ପେଟ୍ରୋଲ, ଖାଇବାତେଲ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟବୃଦ୍ଧି ଘଟି ଚାଲିଛି । ଛତିଶଗଡ କଂଗ୍ରେସ ସରକାର ଧାନର ସହାୟକ ମୂଲ୍ୟ ୨୫ଶହ ଟଙ୍କା ରଖିଥିବା ବେଳେ ଓଡିଶାରେ ୧୯୪୦ଟଙ୍କା ରଖାଯାଇଥିଲେ ମଧ୍ୟ ସମସ୍ତ ଚାଷୀଙ୍କ ଠାରୁ ବଳକା ଧାନ କ୍ରୟ କରାଯାଉନଥିବାରୁ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । କଂଗ୍ରେସ ସରକାର ଅମଳରେ ଇନ୍ଦିରାଗାନ୍ଧୀ ପେନ୍ସନ ଯୋଜନା ଓ ଆବାସ ଘର ନାମରେ ଅର୍ଥ ପ୍ରଦାନ ଆରମ୍ଭ ହୋଇଥିବା ବେଳେ ଏହାକୁ ଏବର ସରକାର ଅନ୍ୟ ନାମ ଦେଇ ବାହାବା ନେଉଛନ୍ତି । ଏବର ପେଟ କଟା ଓ ପକେଟ୍ କଟା ଦଳ କେବଳ ଯୋଜନା ସର୍ବସ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତାଭାବେ କଂଗ୍ରେସ ରାଜ୍ୟ ପ୍ରବକ୍ତା ଅମୀୟ ପାଣ୍ଡବ, କଂଗ୍ରେସ ନେତା ସୁଦର୍ଶନ ଦାସ, ପୌରଧ୍ୟକ୍ଷ ପ୍ରାର୍ଥି ରିଆଜ ଖାଁ, ଭୋଲା ଅଲ୍ଲି, ସୁଜିତ୍ ଦେ, ଜଗଦିଶ ନନ୍ଦି, ସୁଦାମ ପାତ୍ର, ମାନ୍ନା ରାୟ, କାଦମ୍ବିନୀ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ବିଜେପି ପକ୍ଷରୁ ନିର୍ବାଚନୀ ପଦଯାତ୍ରା

ବାଲେଶ୍ୱର,୨୧/୦୩ (ନି.ପ୍ର): ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରଚାରରେ ବିଜେପି ପକ୍ଷରୁ ବିଭିନ୍ନ ୱାର୍ଡ଼ରେ ଗଣ ପଦଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ବୈରାମନଗର, ନଲମଗଞ୍ଜ, ମାକଲପୁର ପ୍ରଭୃତି ଅଞ୍ଚଳକୁ ନେଇ ଗଠିତ ୧୩ ନମ୍ବର ୱାର୍ଡ଼ରେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।



ବିଜେପି ପୌରାଧକ୍ଷା ପ୍ରାର୍ଥନୀ ରଶ୍ମିରେଖା ଦେବ ଯୋଗଦେଇ ନିଜ ସହ ସମସ୍ତ ଦଳୀୟ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ରାଜ୍ୟ ସରକାରଙ୍କ ତଥାକଥିତ ବିକାଶ ଧାରା ବାଲେଶ୍ୱର ସହରରେ ବାଟବଣା ହୋଇଥିବା ନେଇ ଶ୍ରୀମତୀ ଦେବ ଆରୋପ କରିଥିଲେ । ୱାର୍ଡମାନଙ୍କରେ ରହିଥିବା ମୌଳିକ ସମସ୍ୟା ସମାଧାନ ପାଇଁ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ଏକମାତ୍ର ବିକଳ୍ପ ବିଜେପିର ସମସ୍ତ କାଉନସିଲର ଓ ପୌରାଧ୍ୟକ୍ଷା ଭାବେ ତାଙ୍କୁ ବିପୁଳ ଜନସମର୍ଥନ ଦେବାକୁ ସେ ୱାର୍ଡ଼ବାସୀଙ୍କୁ ନିବେଦନ କରିଥିଲେ । ୧୩ନଂ ୱାର୍ଡର କାଉନସିଲର ପ୍ରାର୍ଥିନୀ ପ୍ରତିମା ବେହେରା ଏଥିରେ ଉପସ୍ଥିତ ରହି ନିଜ ପାଇଁ ବିଜେପି ଅଧ୍ୟକ୍ଷା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ ।ଦୀର୍ଘ ଦିନରୁ ବାଲେଶ୍ୱର ପୌରାଞ୍ଚଳ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଚାଲିଥିବା ବେଳେ ଶାସକ ଦଳ ବିଜେଡିର ଭୁଆଁବୁଲା କଥାରୁ ଲୋକେ ମୁହଁ ମୋଡିଲେଣି ବୋଲି ସେ କହିଥିଲେ । ସହରର ଦ୍ରୁତ ବିକାଶ ପାଇଁ ବିଜେପିର ପୌରାଧକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବଙ୍କ ସମେତ ସମସ୍ତ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବକୁ ଶ୍ରୀ ଦତ୍ତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଅରୂପ କୁମାର ଜେନା ଓ ବିକାଶ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ବହୁ ଯୁବ, ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

## ହାତୀ ମୃତ୍ୟୁକୁ ନେଇ ଭୁଲ ତଥ୍ୟପ୍ରଦାନ

ନୀଳଗିରି, ୨୧/୦୩ (ନି.ପ୍ର): ନୀଳଗିରି କୁଳଡିହା ଅଭୟାରଣ୍ୟର ପଂଚଲିଙ୍ଗେଶ୍ୱର ବିଟ୍ ହାଉସ ଅଧିନସ୍ଥ ଦେବଗିରି ପାହାଡ଼ରେ ଏକ ବିରାଟ ମାଇ ହାତୀର ମୃତ ଦେହ ରବିବାର ବନବିଭାଗ ଠାବ କରିଥିବା ବେଳେ ଆଜି ସୋମବାର ଦିନ ପୁଣି ଏକ ହାତୀ ଛୁଆର ମୃତ ଦେହ ଠାବ କରାଯାଇଛି । ହାତୀ ମୃତ୍ୟୁର କାରଣ ବନବିଭାଗ ଗଣମାଧ୍ୟମକୁ ସଠିକ୍ ତଥ୍ୟ ଦେଉ ନ ଥିବା ବେଳେ ଭୁଲତଥ୍ୟ ଦେଇ କୁଳଡିହା ରେଞ୍ଜର ଅନନ୍ତ କୁମାର ଜେନା ନିଜର ଦୋଷ ଦୁର୍ବଳତାକୁ ଲୁଚାଉଛନ୍ତି । ଲଗାତାର ୩ ମାସ ମଧ୍ୟରେ ୩ଟି ହାତୀ ମରିବା ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ପରିବେଶବିତ୍‌ମାନେ । ହାତୀ ମୃତ୍ୟୁ ଖବର ପାଇ ଆର.ସି.ସି.ଏଫ. , ସିମିଳିପାଳର ଏକ ସ୍ୱତନ୍ତ୍ର ଟିମ୍, ଡଗସ୍କ୍ୱାର୍ଡ, ବାଲେଶ୍ୱର ଓ କୁଳଡିହା ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ପରେ ଜଙ୍ଗଲ ମଧ୍ୟରେ ହାତୀ ଦୁଇଟିକୁ ପୋଡ଼ି ଦିଆଯାଇଛି । ତେବେ ରୋଗରେ ହାତୀ ଦୁଇଟି ମରିଥିବାର ସୂଚନା ଥିବା ବେଳେ ତଦନ୍ତ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ ।




## କଳାପାହାଡ଼ ଚଳଚ୍ଚିତ୍ର ପାଇଁ ଅଡ଼ିସନ୍ ଅନୁଷ୍ଠିତ

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଏସ୍‌ଡିଡି ଏଣ୍ଟରଟେନ୍‌ମେଂଟ୍ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଦ୍ୱିତୀୟ ଚଳଚ୍ଚିତ୍ର 'କଳାପାହାଡ଼' ପାଇଁ ଏକ ଅଡ଼ିସନ୍ ଭୁବନେଶ୍ୱରସ୍ଥିତ କେଶୁରାଠାର ଅନୁଷ୍ଠିତ ହୋଇଯାଇଛି । ଏକ ଐତିହାସିକ ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଥିବା ଚଳଚ୍ଚିତ୍ରରେ ଅନେକ ନୂଆ ପ୍ରତିଭାବାନ୍ କଳାକାରଙ୍କୁ ସୁଯୋଗ ଦେବାର ଏକ ନିଆରା ପଦକ୍ଷେପ ପ୍ରଯୋଜନା ସଂସ୍ଥା ପକ୍ଷରୁ ଆରମ୍ଭ କରାଯାଇଛି । ଆଜି ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଅନେକ କଳାକାର ଭାଗ ନେବା ସହ ନିଜର ଅଭିନୟର ଯାଦୁ ଦେଖାଇଥିଲେ । ଅଡ଼ିସନ୍‌ର ବିଚାରକ ରୂପେ ଭେଟେରାନ୍ ଅଭିନେତା ଚନ୍ଦନ କର ଓ ଜୀବନ ପଣ୍ଡାଙ୍କ ସହ ପ୍ରଯୋଜକ ପ୍ରଦୀପ କୁମାର ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଓଡ଼ିଶାର ପ୍ରଥମ ସହିଦ୍ ଜୟୀ ରାଜଗୁରୁଙ୍କ ଜୀବନ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର 'ମହର୍ଷି' ପରେ କଳାପାହାଡ଼ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଚଳଚ୍ଚିତ୍ରକୁ ଏକ ନୂଆ ଦିଗରେ ନେବା ପାଇଁ ପ୍ରଯୋଜନା ସଂସ୍ଥା ତରଫରୁ ଯୋଜନା କରାଯାଇଛି । କଳାପାହାଡ଼ ଚଳଚ୍ଚିତ୍ର ପାଇଁ ଅଡ଼ିସନ୍ ଆଗକୁ ମଧ୍ୟ ଜାରି ରହିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ନୀରଜ କୁମାର ସୂଚନା ଦେଇଛନ୍ତି ।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Jambhira Canal Division, Morada
Mail ID- eejcdivisionmorada@gmail.com
Tender Call Notice No – 10/ 2021-22 of SE, J. C. Division, Morada

| | | |
|---|---|---|
| i | Name of Work | Engagement of Data Entry Operator 1 no & Amin 2 nos from 01.04.2022 to 31.03.2023 (12 months) on out sourcing basis. |
| ii | Tender Value | Rs.4,74,420/- |
| iii | Period of Completion | 12 (Twelve) Calendar Months |
| iv | Availability of bid documents & dropping the same in single cover in specified box kept in the O/O the Supt. Engineer, Jambhira Canal Division, Morada | 22.03.2022 at 10 A.M. to 31.03.2022 up to 3.00 PM. |
| v | Date & time of opening of bid | 3103.2022 at 3.30 PM |
| vi | Name & Address of the O.I.T | Superintending Engineer, O/O the SE, Jambhira Canal Division, Morada, Mayurbhanj |

OIPR : 32200/11/0011/2122

Superintending Engineer,
Jambhira Canal Division
Morada

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo